

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପାତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:161✦6 October 2026 (Tuesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୬୧✦୬ ଅକ୍ଟୋବର ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ୧୫ରେ ଛାତ୍ରସଂସଦ ନିର୍ବାଚନ, ୧୬ରେ ଶପଥ ଗ୍ରହଣ




## ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ

ଭୁବନେଶ୍ୱର,୫/୧୦(ନି/ପ୍ର): ଆଗାମୀ ୧୫ ତାରିଖରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ୧୬ ତାରିଖରେ ନବ ନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କର ଶପଥ ଗ୍ରହଣ ହେବ। ଠିକ୍ ସେହିପରି ୭ ତାରିଖରେ କଲେଜମାନଙ୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣେ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ହେବ। ଏନେଇ ଆଜି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଘୋଷଣା କରିଛନ୍ତି। ସେ କହିଛନ୍ତି, କଲେଜ୍ ନିର୍ବାଚନ ହେଲେ ଯୁବ ନେତୃତ୍ୱ ସାମ୍ନାକୁ ଆସିବେ। ଆମେ ସେହି କାମ କରିବୁ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆହୁରି କହିଛନ୍ତି ଯେ ପୂର୍ବ ସରକାର ୨୦୧୭ରୁ କଲେଜ୍‌ରେ ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଥିଲେ, ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଲୋକଙ୍କ ସରକାର ପୁଣି ଥରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଯାଉଛନ୍ତି। ଗତ ମାସରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ଏବେ କ୍ୟାମ୍ପସ୍ ରାଜନୀତି ଜୋର ଧରିଛି। ଗ୍ରୀଷ୍ମ ଛୁଟି ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବା କ୍ଷଣି ଛାତ୍ରସଂସଦ ନିର୍ବାଚନ ପାଇଁ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ସଜବାଜ ଦେଖିବାକୁ ମିଳୁଛି। ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଛାତ୍ର ବିଜେଡି ଓ କଂଗ୍ରେସର ଛାତ୍ର ନେତାମାନେ ପ୍ରତିଥର ପରି ଏଥର ମଧ୍ୟ କ୍ୟାମ୍ପସ୍‌ରେ ନିଜର ପତିଆରା ଜାହିର କରିବାକୁ ଲାଗିପଡ଼ିଲେଣି। ସଙ୍ଗଠନର ପୁରୁଣା ଛାତ୍ରନେତାମାନେ କ୍ୟାମ୍ପସ୍‌ରେ ଚକ୍କର କାଟିବା ସହ କିଭଳି ଭାବେ ନବାଗତ ଛାତ୍ରଛାତ୍ରୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବେ, ସେନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଆଇଏସଏଫ୍, ଡିଏସ୍ଓ, ଏସଏଫ୍ଆଇ ପରି ଛାତ୍ର ସଙ୍ଗଠନ ମଧ୍ୟ ନିଜ ନିଜ ସ୍ତରରେ ପ୍ରସ୍ତୁତି ଚଳାଇଛନ୍ତି। ଆସନ୍ତା ୧୦ ତାରିଖରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବାକୁ ଥିବାରୁ କ୍ୟାମ୍ପସ୍‌ରେ ରାଜନୈତିକ ବାତାବରଣ ଉଷ୍ମ ହେଉଛି। ରାଜନୀତିର ଏନ୍ତୁଡ଼ିଶାଳ କୁହାଯାଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଷ୍ମତା ଧୀରେ ଧୀରେ ବଢୁଛି। ତିନିଟି ଯାକ ଛାମୁଆ ସଙ୍ଗଠନ କ୍ୟାମ୍ପସ୍‌ରେ ହେଲ୍ପ ଡେସ୍କ ଆରମ୍ଭ ଦିଗରେ ପଦକ୍ଷେପ ନେଇଛନ୍ତି। ନବାଗତ ଛାତ୍ରଛାତ୍ରୀ କ୍ୟାମ୍ପସ୍‌ରେ ପାଦ ଥାପିବା କ୍ଷଣି କିଭଳି ସଙ୍ଗଠନ ମୋହରେ ପଡ଼ିବେ ସେନେଇ ଛାତ୍ର ସଙ୍ଗଠନ ସଦସ୍ୟମାନେ ଲାଗିପଡ଼ିଛନ୍ତି।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ରୁଷିଆରେ ପ୍ଲେଗ୍ ଆଶଙ୍କା : ଆଣ୍ଟି-ପ୍ଲେଗ୍ ଗବେଷଣା କେନ୍ଦ୍ରର କର୍ମଚାରୀ ମୃତ, ୨୦୦ କ୍ୱାରେଣ୍ଟାଇନ୍‌ରେ



ନୂଆଦିଲ୍ଲୀ,୫/୧୦: ରୁଷିଆର ସାଇବେରିଆ ଅଂଚଳରେ ପ୍ଲେଗ୍‌କୁ ନେଇ ଚିନ୍ତା ବଢ଼ିଛି। ଇରକୁଟସ୍କ ନିକଟସ୍ଥ ଶେଲେଖୋଭ୍‌ରେ ଥିବା ଏକ 'ଆଣ୍ଟି-ପ୍ଲେଗ୍' ଗବେଷଣା ପ୍ରତିଷ୍ଠାନର ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ପ୍ରାୟ ୨୦୦ ଜଣ ଲାବୋରେଟୋରୀ କର୍ମଚାରୀଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇଥିବା ଜଣାପଡ଼ିଛି। ରୁଷିଆର ସରକାରୀ ସମ୍ବାଦ ସଂସ୍ଥା 'ଟାସ୍' ରିପୋର୍ଟ ଅନୁଯାୟୀ, ମୃତ କର୍ମଚାରୀ ଅଜ୍ଞାତ କାରଣରୁ ହୋଇଥିବା ନିମୋନିଆରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ଖରାପ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଏହା ପ୍ଲେଗ୍ ସହ ଜଡ଼ିତ କି ନୁହେଁ, ତାହାକୁ ନେଇ ଯାଚଂ ଆରମ୍ଭ ହୋଇଛି। ଶେଲେଖୋଭ୍‌ରେ ଥିବା ଏହି ଗବେଷଣା ପ୍ରତିଷ୍ଠାନ ମାରାତ୍ମକ ଓ ସଂକ୍ରାମକ ରୋଗ ଉପରେ ଗବେଷଣା କରିଥାଏ। ଘଟଣା ପରେ ରୁଷିଆର ସ୍ୱାସ୍ଥ୍ୟ ନିୟନ୍ତ୍ରଣ ସଂସ୍ଥା 'ରୋସପୋଟ୍ରେବନାଡଜୋର' ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ମୃତ କର୍ମଚାରୀ ଅଜ୍ଞାତ କାରଣରୁ ହୋଇଥିବା ନିମୋନିଆରେ ଆକ୍ରାନ୍ତ ଥିଲେ। ଇରକୁଟସ୍କ ସହର ଓ ଶେଲେଖୋଭ୍‌ରେ ବର୍ତ୍ତମାନ ସ୍ୱାସ୍ଥ୍ୟ ସ୍ଥିତି ସ୍ଥିର ରହିଛି ବୋଲି ଅଧିକାରୀମାନେ କହିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ମହାମାରୀ ପ୍ରତିରୋଧ ପରିଷଦର ଜରୁରୀକାଳୀନ ବୈଠକ ଡକାଯାଇଥିଲା। ଇରକୁଟସ୍କର ରାଜ୍ୟପାଳ ଇଗୋର କୋବଜେଭ୍ ଲୋକମାନଙ୍କୁ ଆତଙ୍କିତ ନ ହେବାକୁ ଅପିଲ୍ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଜଣେ ସ୍ଥାନୀୟ ବ୍ୟକ୍ତିଙ୍କଠାରେ ଏକ ଅତ୍ୟନ୍ତ ବିପଜ୍ଜନକ ସଂକ୍ରମଣର ସନ୍ଦେହ ଦେଖାଦେବା ପରେ ପ୍ରତିରୋଧମୂଳକ ପଦକ୍ଷେପ ନେଇ ଏହି ବୈଠକ ଡକାଯାଇଥିଲା। ଅଧିକାରୀମାନେ ଲୋକଙ୍କୁ ଆଶ୍ୱସ୍ତ କରୁଥିଲେ ମଧ୍ୟ ସମ୍ଭାବ୍ୟ 'ନିମୋନିକ୍ ପ୍ଲେଗ୍'କୁ ନେଇ ଚିନ୍ତା ବଢ଼ିଛି। ଶେଲେଖୋଭ୍‌ରେ ଥିବା ଗବେଷଣା କେନ୍ଦ୍ର ନିକଟରେ ଏକ ଆଲୁମିନିୟମ୍ କାରଖାନା ମଧ୍ୟ ସତର୍କତାମୂଳକ ପଦକ୍ଷେପ ନେଇଛି। କାରଖାନାର କର୍ମଚାରୀମାନଙ୍କୁ ମୁହଁ ଘୋଡ଼ାଇ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇରକୁଟସ୍କ ଆଲୁମିନିୟମ୍ ପ୍ଲାଂଟର ମୁଖ୍ୟ ଆର୍ଟେମ୍ ଫୋମିନିଖ୍ ଲୋକଙ୍କୁ ଶାନ୍ତ ରହିବାକୁ ଅପିଲ୍ କରିଛନ୍ତି। ଘଟଣାକୁ ନେଇ ବିଭିନ୍ନ ଗୁଜବ ଓ ପରସ୍ପର ବିରୋଧୀ ଖବର ପ୍ରଚାରିତ ହେଉଥିବାରୁ ଲୋକେ ଆତଙ୍କିତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଘଟଣା ପରେ ଅଂଚଳରେ ସମ୍ଭାବ୍ୟ ଲକଡାଉନ୍‌କୁ ନେଇ ମଧ୍ୟ ଆଲୋଚନା ବଢ଼ିଛି। ତେବେ ଏନେଇ କୌଣସି ନିଷ୍ପତି ହୋଇଥିବା ସୂଚନା ନାହିଁ। ପ୍ଲେଗ୍ ହେଉଛି ଶରକ୍ସ୍ୱସ୍ସଭସବ କ୍ସରସ୍ୱସ୍ସସ୍ୱ ନାମକ ଜୀବାଣୁ ଦ୍ୱାରା ହେଉଥିବା ଏକ ଗୁରୁତର ସଂକ୍ରାମକ ରୋଗ। ଏହାର ଏକ ଗୁରୁତର ରୂପ ହେଉଛି ନିମୋନିକ୍ ପ୍ଲେଗ୍। ଏହା ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ ଏବଂ ସଂକ୍ରମିତ ବ୍ୟକ୍ତି କାଶିବା କିମ୍ବା ଛିଙ୍କିବା ସମୟରେ ବାହାରୁଥିବା ଶ୍ୱାସକଣିକା ମାଧ୍ୟମରେ ଅନ୍ୟ ଜଣଙ୍କୁ ସଂକ୍ରମିତ କରିପାରେ। ନିମୋନିକ୍ ପ୍ଲେଗ୍‌ର ପ୍ରମୁଖ ଲକ୍ଷଣ ମଧ୍ୟରେ ଉଚ୍ଚ ଜ୍ୱର, ମୁଣ୍ଡବିନ୍ଧା, ଦୁର୍ବଳତା, କାଶ, ଛାତି ଯନ୍ତ୍ରଣା ଏବଂ ନିଶ୍ୱାସ ନେବାରେ କଷ୍ଟ ରହିଛି।

# ଆଜି ଓଡ଼ିଶା ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ



ଭୁବନେଶ୍ୱର,୫/୧୦(ନି/ପ୍ର): ଆସନ୍ତାକାଲି ଦିନିକିଆ ଓଡ଼ିଶାଗସ୍ତରେ ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଉଭୟେ ମଙ୍ଗଳବାର ଦିନ ସୁନାବେଡ଼ାଠାରେ ଥିବା ହିନ୍ଦୁସ୍ତାନ୍ ଏରୋନେଟିକ୍ସ ଲିମିଟେଡ୍(ହାଲ୍) ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ସୂଚନା ରହିଛି। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଗସ୍ତକୁ ଆଖି ଆଗରେ ରଖି କୋରାପୁଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୂଚନା ଅନୁଯାୟୀ, ସୁନାବେଡ଼ା (ହାଲ) ୟୁନିଟ୍ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜନାଥ ସିଂହ ଯୋଗଦେବେ । ଏହି ଅବସରରେ ୟୁନିଟ୍ରେ ପ୍ରତିରକ୍ଷା ଉତ୍ପାଦନ ସହ ଜଡ଼ିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ (ହାଲ)ର ବରିଷ୍ଠ ଅଧିକାରୀ ଏବଂ ପ୍ରତିରକ୍ଷା କ୍ଷେତ୍ର ସହ ଜଡ଼ିତ ଅଧିକାରୀଙ୍କ ସହ ଆଲୋଚନା କରିପାରନ୍ତି । ରାଜନାଥ ସିଂହଙ୍କ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ । ପ୍ରତିରକ୍ଷା ଉତ୍ପାଦନ ଓ (ହାଲ) ୟୁନିଟ୍‌ର ବିଭିନ୍ନ ପ୍ରସଙ୍ଗ ନେଇ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଗସ୍ତ ଶେଷ କରି ଅପରାହ୍ନରେ ରାୟପୁର ଦେଇ ରାଜନାଥ ସିଂହ ଦିଲ୍ଲୀ ଫେରିଯିବେ ବୋଲି ସୂଚନା ମିଳିଛି।

# ମଧ୍ୟାହ୍ନ ଭୋଜନ ବିଲ୍ ପାଇଁ ଲାଂଚ ନେଉଥିଲେ ପ୍ରଧାନଶିକ୍ଷକ, ଭିଜିଲାନ୍ସ ଦ୍ୱାରା ଗିରଫ



ବାଲିପାଟଣା,୫/୧୦(ନି/ପ୍ର): ବାଲିପାଟଣା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ଗୁଆପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍ କେ ରିଆଜ ଅଲ୍ଲୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ତାଙ୍କ ଠାରୁ ରଙ୍ଗବୋଳା ୧୫ ହଜାର ଟଙ୍କା ଭିଜିଲାନ୍ସ ଟିମ ଜବତ କରିଛି। ମଧ୍ୟାହ୍ନ ଭୋଜନର ବକେୟା ବିଲ୍ କରିଦେବାକୁ ଲାଂଚ ଭାବେ ଏହି ଟଙ୍କା ନେଉଥିଲେ। ଏହାପରେ ଭିଜିଲାନ୍‌ସ ଟିମ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ଯ୍ୟାଳୟ ଓ ବାସଗୃହରେ ଚଢ଼ାଉ କରିଛି। ଭିଜିଲାନ୍ସ ଟିମ୍ ସୂଚନା ଅନୁସାରେ ଗୁଆପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଭାକର ମଲ୍ଲିକ ପ୍ରଧାନଶିକ୍ଷକ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ବିଶ୍ୱନାଥପୁର ବଦଳି ହୋଇଛନ୍ତି। ଗୁଆପୁର ସ୍କୁଲରେ ଥିବା ସମୟରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମଧ୍ୟାହ୍ନ ଭୋଜନ ବିଲ୍ ବାକି ଥିଲା । ଅନ୍ୟତ୍ର ବଦଳି ପରେ ସେହି ବାକି ଟଙ୍କା କରେଇଦେବାକୁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଏସ୍ କେ ରିଆଜ ଅଲ୍ଲୀଙ୍କୁ କହିଥିଲେ। ଶ୍ରୀ ଅଲ୍ଲୀ ତାଙ୍କୁ ୧୫ ହଜାର ଟଙ୍କା ଦେଲେ ଯାଇ ବିଲ୍‌ରେ ସ୍ୱାକ୍ଷର କରିବେ ବୋଲି କହିଥିଲେ। ଏନେଇ ପୂର୍ବତନ ପ୍ରଧାନଶିକ୍ଷକ ମଲ୍ଲିକ ଭିଜିଲାନ୍‌ସରେ ଅଭିଯୋଗ କରିଥିଲେ।

# ପାର୍ବଣ ପୂର୍ବରୁ ଆକ୍ସନ ମୋଡ୍‌ରେ ପୁଲିସ, ଅପରାଧୀଙ୍କ ଉପରେ କଡ଼ା ନଜର




କଟକ,୫/୧୦(ନି/ପ୍ର): ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଦମନ ଅଭିଯାନ । ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଡିଜି ବିନୟ ତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଅପରାଧ, ନିଶାଦ୍ରବ୍ୟ କାରବାର ଉପରେ ରୋକ ଲଗାଇବାକୁ ଆରମ୍ଭ ହୋଇଛି ବଡ଼ ଅଭିଯାନ । ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧,୪୪୮ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ୧ ହଜାର ୭୦୭ ଅବକାରୀ ମାମଲା ଓ ୮୯ ଏନଡ଼ିପିଏସ୍ ମାମଲା ରୁଜୁ ହୋଇଛି । ଡିଜିଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୁଲିସ, କମିଶନରେଟ ପୁଲିସ, ରେଳବାଇ ପୁଲିସ ଓ ଅନ୍ୟାନ୍ୟ ପୁଲିସ ୟୁନିଟ ଗୁଡିକର ମିଳିତ ସମନ୍ୱୟରେ ସେପ୍ଟେମ୍ବର ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଚାଲିଥିଲା। ପୁଲିସର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ପାର୍ବଣ ପୂର୍ବରୁ'ଦମନ' ଅଭିଯାନ:ସୁରକ୍ଷିତ ଶାରଦୀୟ ପୂଜା ପାଳନ ପାଇଁ ପୁଲିସ ପ୍ରଶାସନ ତତ୍ପର ସେପ୍ଟେମ୍ବର ୨୧ରୁ ରାଜ୍ୟରେ ଚାଲିଛି ସ୍ୱତନ୍ତ୍ର ଅଭିଯାନ 'ଦମନ' ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ୧,୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ବିଏନଏସଏସ୍ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି ଏନଡ଼ିପିଏସ୍ ମାମଲା ରୁଜୁ ଘଉଚଙ ମାମଲାରେ ୧୦୯ ଜଣଙ୍କୁ ଗିରଫ କରାଯାଇଛି ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଏବଂ ୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି ପ୍ରାୟ ୩୯୪.୬୪୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ ଅବକାରୀ ଆଇନ ଉଲ୍ଲଙ୍ଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ, ୧୪୦ ଜଣ ଗିରଫ ଏହି ଅଭିଯାନରେ ୧୪ ହଜାର ଲିଟରରୁ ଅଧିକ ପରିମାଣର ଦେଶୀ, ବିଦେଶୀ ମଦ ଜବତ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ ୬୭ ଜୁଆଡ଼ି ଗିରଫ, ଜୁଆ ଆଡ୍ଡାରୁ ୪,୩୬,୦୮୬ ଟଙ୍କା ଜବତ ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ, ୧୨ ଜଣ ଗିରଫ ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ବିରୋଧରେ ୬ଟି ମାମଲା ରୁଜୁ ୫ଟି ବନ୍ଧୁକ, ଗୋଟିଏ ରିଭଲଭର, ୪ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍ ଜବତ ୨ଟି ଖାଲି କାର୍ଟ୍ରିଜ୍, ୨.୫ କେଜି ବାରୁଦ ଓ ୨ଟି ଖଣ୍ଡା ଜବତ କରିଛି ପୁଲିସ ସଂଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି ଅବୈଧ ନିଶା, ଅସ୍ତ୍ର ଓ ଅନ୍ୟ ନିଷିଦ୍ଧ ସାମଗ୍ରୀର ଚାଲାଣ ରୋକିବାକୁ ପଦକ୍ଷେପ ରାଜ୍ୟର ୧,୮୩୦ଟି ବ୍ଲକିଂ ଓ ବର୍ଡର ସିଲିଂ ଅପରେସନ୍ କରାଯାଇଛି ଅନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ରାସ୍ତାରେ ଯାଂଚକୁ ଜୋରଦାର କରାଯାଇଛି।

# ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ର ଭୟ:

## ବ୍ରିଟିଶ ବାୟୁସେନା ଘାଟିରୁ ସମସ୍ତ ବୋମାବର୍ଷୀ ବିମାନ ହଟାଇଲା ଆମେରିକା



ୱାସିଂଟନ,୫/୧୦:ଆମେରିକା ବ୍ରିଟେନର ଆରଏଏଫ ଫେୟାରଫୋର୍ଡ ବାୟୁସେନା ଘାଟିରୁ ନିଜର ସମସ୍ତ ବୋମାବର୍ଷୀ ବିମାନ ହଟାଇ ଦେଇଛି। ଇରାନ ଉପରେ ଆକ୍ରମଣ କରିବା ପାଇଁ ଏହି ବାୟୁସେନା ଘାଟିର ବ୍ୟବହାର କରାଯାଉଥିଲା। ବ୍ରିଟେନରେ ବାୟୁସେନା ଘାଟି ଉପରେ ଏକ ଆତଙ୍କବାଦୀ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ତଦନ୍ତ ମଧ୍ୟରେ ଆମେରିକାର ଏଭଳି ନିଷ୍ପତ୍ତି ନେଇଛି। ପେଣ୍ଟାଗନର ଅଧିକାରୀଙ୍କ ଅନୁଯାୟୀ ବୋମାବର୍ଷୀ ବିମାନଗୁଡ଼ିକୁ ଆମେରିକାରେ ଥିବା ସେମାନଙ୍କ ଘାଟିକୁ ଫେରାଇ ଅଣାଯାଇଛି। ବି-୫୨ ଏବଂ ବି-୧ ବୋମାବର୍ଷୀ ବିମାନଗୁଡ଼ିକ ଆମେରିକା ମୁହାଁ ହୋଇଥିବା ମିଲିଟାରୀ ଏୟାର ଟ୍ରାକିଂ ଆଲାଏନ୍ସ କହିଛି। ଆରଏଏଫ ଫେୟାରଫୋର୍ଡ ଲଣ୍ଡନରୁ ପ୍ରାୟ ୧୬୦ କିଲୋମିଟର ପଶ୍ଚିମରେ ଅବସ୍ଥିତ। ଆମେରିକା ଦଶନ୍ଧି ଧରି ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏହି ଏୟାରବେସ୍ ବ୍ୟବହାର କରିଆସୁଛି।ଗତ ସପ୍ତାହରେ ଲଣ୍ଡନରେ ଏକ ଆତଙ୍କବାଦୀ ଆକ୍ରମଣ ଯୋଜନା କରୁଥିବା ସନ୍ଦେହରେ ବ୍ରିଟିଶ-ଇରାନ ଦ୍ୱୈତ ନାଗରିକତା ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ସେପ୍ଟେମ୍ବର ଶେଷ ଭାଗରେ ଆରଏଏଫ ଫେୟାରଫୋର୍ଡ ବାୟୁସେନା ଘାଟିରେ ସୁରକ୍ଷା ସମ୍ପର୍କିତ ମାମଲା ସନ୍ଦେହରେ ଛଅ ଜଣଙ୍କୁ ଅଟକ ରଖାଯାଇଥିଲା। ତେବେ ପରେ ସେମାନେ ଜାମିନରେ ମୁକ୍ତ ହୋଇଥିଲେ। ବ୍ରିଟିଶ ଅଧିକାରୀମାନେ ଏହି ଘଟଣାରେ ଇରାନର ସମ୍ପୃକ୍ତି ଥିବା ସନ୍ଦେହ କରୁଛନ୍ତି। ତେବେ ଇରାନ ସମ୍ପୃକ୍ତିକୁ ଅସ୍ୱୀକାର କରିଛି। ଇରାନ ପୂର୍ବରୁ କହିଛି ଯେ, ଆମ ଦେଶ ଉପରେ ଆକ୍ରମଣ ପାଇଁ ବ୍ୟବହୃତ ଯେକୌଣସି ସାମରିକ ଘାଟି ଆମର ଟାର୍ଗେଟରେ ରହିବ। ବ୍ରିଟିଶ ଅଧିକାରୀମାନେ ଅଭିଯୋଗ କରିଛନ୍ତି, ଇରାନକୁ ସମର୍ଥନ କରୁଥିବା ଗୋଷ୍ଠୀଗୁଡ଼ିକ ବ୍ରିଟେନ ଏବଂ ଅନ୍ୟାନ୍ୟ ଦେଶରେ ପୋଡ଼ାଜଳା ଏବଂ ଆକ୍ରମଣ କରୁଛନ୍ତି। ଭୟ ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ଆକ୍ରମଣରେ ଇହୁଦୀ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ନୂତନ ଆକ୍ରମଣ କରିବା ସମେତ ଅନେକ ବିକଳ୍ପ ଉପରେ ବିଚାର କରୁଛନ୍ତି। ଓହାୟୋରେ ଏକ ରାଲିରେ ସେ ଘୋଷଣା କରିଥିଲେ ଯେ ଇରାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ସେ କହିଥିଲେ,ଏବେ ନିଷ୍ପତି ନେବାକୁ ପଡିବ ଇରାନ ବିରୋଧରେ ସହଜ ଉପାୟ ଗ୍ରହଣ କରାଯିବ ନା କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସାମରିକ ଅଭିଯାନ ଆଉ ମାତ୍ର କିଛି ସପ୍ତାହ ଚାଲିବ। ଏହି ସମୟରେ ଆମେରିକା ମଧ୍ୟପ୍ରାଚ୍ୟରେ ତାର ସାମରିକ ଶକ୍ତି ବୃଦ୍ଧି କରୁଛି। ୟୁଏସଏସ ଥିଓଡୋର ରୁଜଭେଲ୍ଟ ବିମାନ ବାହକ ଏବଂ ୟୁଏସଏସ ମାକିନ୍ ଦ୍ୱୀପର ନେତୃତ୍ୱରେ ଯୁଦ୍ଧଜାହାଜର ଏକ ଦଳ ଏହି ଅଂଚଳକୁ ପଠାଇଛି। ଏହି ଦଳରେ ୭ ହଜାରରୁ ଅଧିକ ନାବିକ ଏବଂ ୨ ହଜାର ମାରିନ୍ ଅଛନ୍ତି। ଅକ୍ଟୋବର ଶେଷ ସୁଦ୍ଧା ତିନୋଟି ଆମେରିକୀୟ ବିମାନ ବାହକ ମଧ୍ୟପ୍ରାଚ୍ୟରେ ନିୟୋଜିତ ହେବାର ଯୋଜନା ରହିଛି।

# ଭୁବନେଶ୍ୱରରେ ହେବ ଗ୍ରୀନ୍ ଏନର୍ଜି ସେଣ୍ଟର ଅଫ୍ ଏକ୍ସଲେନ୍ସ



ଭୁବନେଶ୍ୱର,୫।୧୦(ନି/ପ୍ର):ଓଡ଼ିଶାର ଯୁବପିଢ଼ିଙ୍କୁ ସବୁଜ ଶକ୍ତି ଓ ସୌର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ପାଇଁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟର ଠାରେ ଏକ 'ଗ୍ରୀନ୍ ଏନର୍ଜି (ସୋଲାର) ସେଣ୍ଟର ଅଫ୍ ଏକ୍ସଲେନ୍ସ' ହେବ। ଓଡ଼ିଶା ହାଇଡ୍ରୋ ପାୱାର କୋର୍ପୋରେସନର କର୍ପୋରେଟ୍ ସାମାଜିକ ଉତରଦାୟିତ୍ୱ (ଉଝଜ) ପାଣ୍ଠିରୁ ପ୍ରାୟ ୧.୪୮ କୋଟି ଟଙ୍କା ବିନିଯୋଗରେ ଏହା କାର୍ଯ୍ୟକାରୀ ହେବ। ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ

### ୱାର୍ଲ୍ଡ ସ୍କିଲ ସେଣ୍ଟର -ଓଏଚପିସି ମଧ୍ୟରେ ଏମଓୟୁ

ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କୌଶଳ ଭବନରେ ପ୍ରାୟ ୩୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ କେନ୍ଦ୍ରରେ ରୂଫଟପ୍, ଫ୍ଲୋଟିଂ ସୋଲାର ଏବଂ ସୋଲାର-ଟ୍ରାକର ଭଳି ବ୍ୟବହାରିକ ଡେମୋନଷ୍ଟ୍ରେସନ ୟୁନିଟ୍ ସହ ପିଏଲସି, ସ୍କାଡା, ଆଇଓଟି, ରିମୋଟ ମନିଟରିଂ ଓ ଏନର୍ଜି ମ୍ୟାନେଜମେଣ୍ଟ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ପ୍ରଶିକ୍ଷଣ ଦିଆଯିବ। ପ୍ରତିବର୍ଷ ପ୍ରାୟ ୩୦୦ ଯୁବକଯୁବତୀଙ୍କୁ ସୋଲାର ଟେକ୍ନିସିଆନ୍, ଅପରେସନ ଓ ମେଣ୍ଟେନାନ୍ସ ଟେକ୍ନିସିଆନ୍, ସାଇଟ୍ ସୁପରଭାଇଜର ଏବଂ ଏନର୍ଜି ଅଡିଟର ଭଳି ପଦବୀ ପାଇଁ ପ୍ରଶିକ୍ଷିତ କରାଯିବ।ଏହି ସମାରୋହରେ ଉପ-ମୁଖ୍ୟମନ୍ତ୍ରୀ ସିଂହଦେଓ ୱାର୍ଲ୍ଡ ସ୍କିଲ ସେଣ୍ଟରର ବ୍ୟାପକ ସମ୍ପ୍ରସାରଣ ଘୋଷଣା କରିଛନ୍ତି। ବିଶ୍ୱସ୍ତରୀୟ ତାଲିମର ସୁଯୋଗ ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ପୂର୍ବରୁ ଦିଆଯାଉଥିବା ସମ୍ପୂର୍ଣ୍ଣ ପ୍ରାୟୋଜିତ ଛାତ୍ର ସଂଖ୍ୟା ୬୦ ରୁ ୧୦୦କୁ ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ୭୦ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଦୌଡ କୁଦ ପ୍ରତିଯୋଗିତା -୨୦୨୬ -୨୭ ଉଦ୍‌ଘାଟିତ




କେନ୍ଦୁଝର,୫/୧୦(ନି/ପ୍ର): ୭୦ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଦୌଡ କୁଦ ପ୍ରତିଯୋଗିତା ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଉଦ୍‌ ଘାଟିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ କ୍ରୀଡାବିତମାନଙ୍କୁ ଚାରିକାନ୍ଥ ଭିତରେ ନ ରହି ନିଜର ଶାରିରୀକ ଦକ୍ଷତା ପ୍ରଦର୍ଶନ କରିବାପାଇଁ ଉପଦେଶ ପ୍ରଦାନ କରିଥିଲେ । ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଅବସର ପ୍ରାପ୍ତ ନିର୍ଦ୍ଦେଶକ ସପନ କୁମାର ଜେନା ମହୋଦୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କ୍ରୀଡାବିତ ମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରାପ୍ତ ହେଉଥିବା ଅନୁଦାନ ରାଶି ବିଷୟରେ ଅବଗତ କରିବା ସଙ୍ଗେ ସଙ୍ଗେ ନିୟମିତ ଖେଳକୁଦ ଅଭ୍ୟାସ କରିବା ଦ୍ୱାରା ନିଜର ଶାରିରୀକ ମାନସିକ ଦୃଢ଼ତା ହୋଇଥାଏ ବୋଲି ସୂଚନା ପ୍ରଦାନ କରିଥିଲେ । କେନ୍ଦୁଝର ଜିଲ୍ଲା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମହୋଦୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ରୀଡାବିତ,ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ସହିତ କ୍ରୀଡ଼ାବିତ ମାନଙ୍କୁ ବ୍ୟକ୍ତିଗତ ଭାବରେ ନିଜର କ୍ରୀଡା ନୈପୁଣ୍ୟ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସୁପରାମର୍ଶ ଦେଇଥିଲେ ।ପୌର ପାଳିକା ଅଧ୍ୟକ୍ଷା ନିକୁ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ .ଦୌଡ- କୁଦ ପ୍ରତିଯୋଗିତାରେ ଶୃଙ୍ଖଳିତ ଭାବେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ମଚାଂସୀନ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ମୁଖ୍ୟ ବକ୍ତା ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଉପସ୍ଥିତ ରହି ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା କିପରି ଶୃଙ୍ଖଳିତ ଭାବରେ ପରିଚାଳିତ ହେବା ପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ । ପରିଶେଷରେ ଶାରିରୀକ ଶିକ୍ଷା ନିରିକ୍ଷକ ରାମକୃଷ୍ଣ ବେହେରା ମହୋଦୟ ମଚାଂସୀନ ଅତିଥି ବୃନ୍ଦ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁଝରରେ 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ଅନୁଷ୍ଠିତ




କେନ୍ଦୁଝର,୫/୧୦(ନି/ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ, ସଂଘର୍ଷ ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଜନସେବାକୁ ପ୍ରଦର୍ଶିତ କରି ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ କେନ୍ଦୁଝର ପ୍ରେକ୍ଷାଳୟ ଠାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱତନ୍ତ୍ର 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଷ୍ଟାଗ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମୋଦୀ ଜୀଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ଏବଂ ଜନସେବାରେ ତାଙ୍କର ଯାତ୍ରାକୁ ଦର୍ଶାଉଥିବା ଏକ ଆକର୍ଷଣୀୟ ନାଟକ ଉପସ୍ଥାପନ କରାଯାଇଥିଲା । ଏହି ନାଟ୍ୟ ରୂପାନ୍ତର ମାଧ୍ୟମରେ କଳାକାରମାନେ ବିଗତ ୨୫ ବର୍ଷ ମଧ୍ୟରେ ଜନଜୀବନରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ, ପ୍ରତିବଦ୍ଧତା ଏବଂ ଦୀର୍ଘ ଦିନର ସଂପୃକ୍ତିକୁ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, କାର୍ଯ୍ୟକ୍ରମର ସଂଯୋଜକ ଅନୁବ୍ରତ ବେହେରା, କେନ୍ଦୁଝର ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନେ ଜନସେବାର ଗୁରୁତ୍ୱ, ସମାଜ ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ମନୋଭାବ ଓ ନିଷ୍ଠା ଉପରେ ଆଲୋକପାତ କରିଥିଲେ । ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ବିଭିନ୍ନ ପର୍ଯ୍ୟାୟ ଏବଂ ସେବା ତଥା ରାଷ୍ଟ୍ର ଗଠନ ଉପରେ ତାଙ୍କର ନିରନ୍ତର ଗୁରୁତ୍ୱକୁ ଜୀବନ୍ତ ଭାବେ ଚିତ୍ରଣ କରିଥିବାରୁ ଏହି ନାଟ୍ୟ ଉପସ୍ଥାପନାକୁ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏହି 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ତାଙ୍କର ୨୫ ବର୍ଷର ଜନସେବାକୁ ସ୍ମରଣ କରିବା ସହ ଲୋକଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ, ଅଧ୍ୟବସାୟ ଏବଂ ସେବା ମନୋଭାବ ଭଳି ମୂଲ୍ୟବୋଧକୁ ରେଖାଙ୍କିତ କରିବାର ଏକ ମାଧ୍ୟମ ସାଜିଥିଲା ।

# ଅକ୍ଟୋବର ମାସ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷିତ

କେନ୍ଦୁଝର,୫/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅକ୍ଟୋବର ମାସ ପାଇଁ 'ଯୁଗ୍ମ ଅଭିଯୋଗ ଶୁଣାଣି' କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ । ଏହି ଶୁଣାଣି ସୋମବାରଗୁଡ଼ିକରେ ସକାଳ ୧୦:୦୦ ଟାରୁ ଅପରାହ୍ନ ୧:୦୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଅନୁଯାୟୀ ୦୫ ଅକ୍ଟୋବର ୨୦୨୬ (ସୋମବାର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ଦରବାର ହଲ୍), କେନ୍ଦୁଝର, ୧୨ ଅକ୍ଟୋବର ୨୦୨୬ (ସୋମବାର):ପଂଚାୟତ ସମିତି କାର୍ଯ୍ୟାଳୟ, ଝୁମ୍ପୁରା, ୨୬ ସେପଟ୍ମେର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ପାଟଣାଠାରେ ଅନୁଷ୍ଠିତ ହେବ । ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ 'ଜନ ଶୁଣାଣି ପୋର୍ଟାଲ'ରେ ପଞ୍ଜିକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଂଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି ।

# ଲୋଇସିଂହା ବ୍ଲକ ବୁଢ଼ୀପଦର ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା

ବଲାଙ୍ଗିର,୫/୧୦(ନି/ପ୍ର) :ଲୋଇସିଂହା ବ୍ଲକ ବୁଢ଼ୀପଦର ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଂଚ ଲକ୍ଷ୍ମୀ ପଧାନ୍, ଲୋଇସିଂହା ବିଡ଼ିଓ ଅକ୍ଷୟପାଣି ଉଡ୍ଡୁ, କନିଷ୍ଠ ଯନ୍ତ୍ରୀ କେଦାରନାଥ ମେହେର, ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ବେହେରା, ଏଡିଇଓ ଜିତେନ୍ଦ୍ରିୟ ସାହୁ, ସମାଜସେବୀ ଯୁଧିଷ୍ଠିର ପଧାନଙ୍କ ସମେତ ଜିଲ୍ଲାସ୍ତରୀୟ କର୍ମଚରୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସରପଂଚ ଶ୍ରୀମତୀ ପଧାନ ତାଙ୍କର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଗ୍ରାମସଭାର ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ । ଶିଶୁ ଶ୍ରମିକ କିପରି ରୋକାଯାଇ ପାରିବା ସହିତ ଲୋକେ ସଚେତନ ହୋଇପାରିବେ ସେ ଉପରେ ଅଭିଜିତ ପଣ୍ଡା ବକ୍ତବ୍ୟ ରଖିଥିଲେ ।

# ଅଧାରାତିରେ ଘର ବାରଣ୍ଡାରେ ଭୟଙ୍କର ଅଗ୍ନିକାଣ୍ଡ

## ହୁତୁହୁତୁ ଜଳିଗଲା ଇ-ସ୍କୁଟି ସହ ବାଇକ



ବୈଶିଙ୍ଗା,୫/୧୦(ନି/ପ୍ର): ଅଧାରାତିରେ ଘର ବାରଣ୍ଡାରେ ଭୟଙ୍କରଅଗ୍ନିକାଣ୍ଡ । ହୁତୁହୁତୁ ହୋଇ ଜଳିଗଲା ବ୍ୟାଟେରୀସ୍କୁଟି ସହ ଗୋଟିଏ ବାଇକ । ନିଆଁ ଘରକୁ ବ୍ୟାପିବା ପୂର୍ବରୁ ନିୟନ୍ତ୍ରଣ ହୋଇଯିବାରୁ ଅଳ୍ପକେ ବର୍ତ୍ତିଗଲା ଗୃହ । ସୂଚନା ଅନୁଯାୟୀ, ବଡ଼ସାହି ଥାନା ଅଧୀନ କୁଳିଅଣା ଉପକଣ୍ଠ ବର୍ତ୍ତନା ଗ୍ରାମର କିଶୋର କୁମାର ଦାସଙ୍କ ଘରେ ଘଟିଛି ଏହି ଅଘଟଣ । କିଶୋର ପ୍ରାୟ ୬ ମାସ ତଳେ ହିରୋ ଭିଡା ବ୍ୟାଟେରୀ ସ୍କୁଟି କିଣିଥିଲେ । ଗତକାଲି ରାତି ପ୍ରାୟ ୯ଟାରେ ଘରକୁ ଫେରି ସ୍କୁଟିଟିକୁ ଘର ବାରଣ୍ଡାରେ ରଖିଥିଲେ । ପାଖରେ ପୂର୍ବରୁ ତାଙ୍କର ଅନ୍ୟ ଏକ ବାଇକ ମଧ୍ୟ ରହିଥିଲା । ତେବେ ରାତି ପ୍ରାୟ ୧ଟା ସମୟରେ ହଠାତ୍ ବାରଣ୍ଡାରୁ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲେ କିଶୋର । ସ୍କୁଟିରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଥିବା ବେଳେ ପାଖରେ ଥିବା ବାଇକଟି ମଧ୍ୟ ନିଆଁ କବଳରେ ପଡ଼ିଥିଲା । ପରିସ୍ଥିତି ଭୟଙ୍କର ହେବାରୁ କିଶୋର ତୁରନ୍ତ ପାଣି ଟ୍ୟାପ୍ ଖୋଲି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ତେବେ ଅଗ୍ନିଶମ ବାହିନୀ ପହଂଚିବା ବେଳକୁ ଦୁଇଟି ଯାକ ଗାଡ଼ି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇସାରିଥିଲା । ସୌଭାଗ୍ୟବଶତଃ ନିଆଁ ଘର ଭିତରକୁ ବ୍ୟାପିବା ପୂର୍ବରୁ ନିୟନ୍ତ୍ରଣ ହୋଇଥିବାରୁ ବଡ଼ ଧରଣର ଅଘଟଣରୁ ପରିବାର ରକ୍ଷା ପାଇଛି ।

# ଓଡ଼ିଶା ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ :

## ଅଧିକ ପୁଷ୍ଟିଯୁକ୍ତ ଏବଂ ସ୍ୱାସ୍ଥ୍ୟକର ଚାଉଳ ପାଇଁ ବଜାର-କୈନ୍ଦ୍ରିକ ପରିବେଶର ଶୁଭାରମ୍ଭ

ଭୁବନେଶ୍ୱର,୫/୧୦(ନି/ପ୍ର): ଏକ ବଜାର-କୈନ୍ଦ୍ରିକ, ସ୍ଥାୟୀ ଏବଂ ଭବିଷ୍ୟତ-ଉପଯୋଗୀ କୃଷି ବ୍ୟବସ୍ଥା ଗଠନ ଉଦ୍ଦେଶ୍ୟରେ ଶନିବାର ଭୁବନେଶ୍ୱରଠାରେ 'ଓଡ଼ିଶା ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ ୨୦୨୬'ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗ, ଓଆରଏମଏଏସ ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥାର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଷୀ, କୃଷକ ଉତ୍ପାଦକ ସଂଗଠନ, ମହିଳା ନେତୃତ୍ୱାଧୀନ ଉତ୍ପାଦକ ଗୋଷ୍ଠୀ, ପୋଷଣଯୁକ୍ତ ଚାଉଳ ପ୍ରସେସର, ଶିଳ୍ପ ପ୍ରତିନିଧି ଏବଂ ଗବେଷଣା ଅନୁଷ୍ଠାନଗୁଡ଼ିକ ଯୋଗଦେଇଥିଲେ । ଓଡ଼ିଶାର ଧାନ ଚାଷକୁ ପାରମ୍ପରିକ ପଦ୍ଧତିରୁ ଏକ ମୂଲ୍ୟ-ଆଧାରିତ, ବ୍ୟବସାୟିକ ଏବଂ କୃଷକ-କୈନ୍ଦ୍ରିକ ଅର୍ଥବ୍ୟବସ୍ଥାକୁ ରୂପାନ୍ତରିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଆଇଆରଆରଆଇ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବୈଷୟିକ ଗବେଷଣା ସହାୟତାରେ, ରାଜ୍ୟ ସରକାର କମ୍ ଏଓ ଏବଂ ଅତି-କମ୍ ଏଓ ବିଶିଷ୍ଟ, ଉଚ୍ଚ ପ୍ରୋଟିନ୍ ଓ ଅଣୁ-ପୁଷ୍ଟିକର ଉପାଦାନଯୁକ୍ତ କିସମ ଏବଂ 'କଳାଜୀରା' ଆଦି ପାରମ୍ପରିକ ସୁଗନ୍ଧିତ ଚାଉଳ ପରି ପୁଷ୍ଟିସାର-ସମୃଦ୍ଧ ଫସଲ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛନ୍ତି । କେନ୍ଦ୍ର ସରକାରଙ୍କ ସହଯୋଗରେ ଉନ୍ନତ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ ସେବା ପାଇଁ ଏକ ଅତ୍ୟାଧୁନିକ 'ସ୍ପେଶାଲିଟି ରାଇସ୍ ଆଣ୍ଡ ମିଲେଟ୍' ସୁବିଧା ଜରିଆରେ ଏହି ଫସଲର ଚାଷ ପରିସରକୁ ବର୍ତ୍ତମାନର ୧,୨୦୦ ହେକ୍ଟରରୁ ଆଗାମୀ ୪ ରୁ ୫ ବର୍ଷ ମଧ୍ୟରେ ୧୦,୦୦୦ ହେକ୍ଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଚାଷୀମାନଙ୍କୁ ସଶକ୍ତ କରିବା ଏବଂ ଗ୍ରାମୀଣ ଆୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ପାରମ୍ପରିକ ଧାନ ଉତ୍ପାଦନରୁ ଊର୍ଦ୍ଧ୍ୱକୁ ଉଠି ଏକ ମୂଲ୍ୟ-ଭିତିକ ଏବଂ କୃଷକ-କୈନ୍ଦ୍ରିକ ଧାନ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଛି । ଆଗାମୀ ଦିନରେ ଭବିଷ୍ୟତର ବିଶ୍ୱ ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ କରିବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଆମର ଚାଷୀ, କୃଷକ ଉତ୍ପାଦକ ସଂଗଠନ, ଗବେଷଣା ଅନୁଷ୍ଠାନ, ଶିଳ୍ପସଂସ୍ଥା ଏବଂ ବଜାରକୁ ଏକାଠି କରି ଆମେ ସ୍ୱାସ୍ଥ୍ୟକର ଓ ପୁଷ୍ଟିଯୁକ୍ତ ଚାଉଳକୁ ପ୍ରୋତ୍ସାହିତ କରିପାରିବା, ମୂଲ୍ୟ ସଂଯୋଜନାକୁ ସୁଦୃଢ଼ କରିପାରିବା ଏବଂ ଆମ ଚାଷୀମାନଙ୍କ ପାଇଁ ଉତମ ଆୟର ସୁଯୋଗ ସୃଷ୍ଟି କରିପାରିବା । ଓଡ଼ିଶାର ସ୍ୱାସ୍ଥ୍ୟକର ଚାଉଳକୁ କ୍ଷେତରୁ ଜାତୀୟ ଓ ବିଶ୍ୱ ବଜାରରେ ପହଂଚାଇବା ପାଇଁ ଆବଶ୍ୟକ ଭିତିଭୂମି, ନୀତିଗତ ଏବଂ ଆନୁଷ୍ଠାନିକ ସହାୟତା ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସମ୍ମିଳନୀରେ ସ୍ୱାକ୍ଷରିତ ବୁଝାମଣା ପତ୍ର, ଆଗ୍ରହ ପତ୍ର ଏବଂ କ୍ରୟ ଆଦେଶ ଜରିଆରେ ପ୍ରତ୍ୟକ୍ଷ ବାଣିଜ୍ୟିକ ସଫଳତା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୬ କୋଟି ଟଙ୍କାର ୧,୦୦୦ ମେଟ୍ରିକ୍ ଟନ୍ ସ୍ୱାସ୍ଥ୍ୟକର ଚାଉଳ କ୍ରୟ ପାଇଁ ୪ଟି ଏମଓୟୁ ସମେତ ବ୍ୟବସାୟିକ ପ୍ରତିଶ୍ରୁତି ଘୋଷଣା କରାଯାଇଛି, ଯେଉଁଥିରେ କିଶାନସେ , ବିଜୟଲକ୍ଷ୍ମୀ ଏଗ୍ରୋ , ଜୈବିକ ଶ୍ରୀ କୃଷକ ଉତ୍ପାଦକ ସଂଗଠନ (କୋରାପୁଟ) ଏବଂ ଲୋଇସିଂହା ମହିଳା - କୃଷକ ଉତ୍ପାଦକ ସଂଗଠନ (ବଲାଙ୍ଗିର) ଭଳି ପ୍ରମୁଖ ଶିଳ୍ପ କ୍ରେତା ଏବଂ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦକ ସଂଗଠନଗୁଡ଼ିକ ସାମିଲ ଅଛନ୍ତି । ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ୍ ରାମଚନ୍ଦ୍ର ଜାଧବ, ଓ.ୟୁ.ଏ.ଟି.ର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଇଣ୍ଡିଆନ୍ ରାଇସ୍ ଏକ୍ସପୋର୍ଟ ଫେଡେରେସନ୍‌ର ମହାନିର୍ଦ୍ଦେଶକ ମହମ୍ମଦ ସୁଲତାନ୍, ମାଡାଗାସ୍କାର ଦୂତାବାସର ପ୍ରତିନିଧି ଏବଂ ବାଣିଜ୍ୟିକ ଆମଦାନୀକାରୀମାନେ ଯୋଗଦେଇ ଯୋଗାଣ ଶୃଙ୍ଖଳା ସଂଯୋଜନା, ଗୁଣବତା ସୁନିଶ୍ଚିତ କରିବା ଏବଂ ବଜାର ସମ୍ପ୍ରସାରଣ ଉପରେ ଆଲୋଚନା କରିଥିଲେ । ଏହା ଓଡ଼ିଶାରେ ସ୍ଥାୟୀ ଗ୍ରାମୀଣ ସମୃଦ୍ଧି ସହିତ ଗ୍ରାହକଙ୍କ ନିକଟରେ ପୋଷଣ ପହଚାଂଇବା ପାଇଁ ଏକ ମିଳିତ ମାର୍ଗ ଚିହ୍ନଟ କରିଛି ।

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

କେନ୍ଦୁଝର,୫/୧୦(ନି/ପ୍ର): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି । ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ । ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ସେହିପରି ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥୁଲା କି ନାହିଁ ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ । ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ । ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ । ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଂଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ । ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଂଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତି ନେବେ । ଯାଂଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ । ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି । ତେଣୁ ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଂଚ କରାଯିବ । ଭାରତ ନିର୍ବାଚନ ଆୟୋଗ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦୁଝର ବାସୀଙ୍କ ସୂଚନା ଓ ଏହି ବ୍ୟବସ୍ଥାର ଉପଯୋଗ କରିବା ନିମନ୍ତେ ନିବେଦନ କରାଯାଇଛି ।



ହରିଚନ୍ଦନପୁର ବ୍ଲକ ଧୁରୁଡ଼ିଆମ୍ବ କେନ୍ଦ୍ରୀୟ ସାଧନକେନ୍ଦ୍ର ପକ୍ଷରୁ ତାଳଡ଼ିହି ଉପ୍ରାସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ଏବିଭିପି ତରଫରୁ କଂଟେଂଟ କ୍ରିଏଟର ଫେଷ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୫/୧୦(ନି/ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଶନିବାର 'କଂଟେଂଟ କ୍ରିଏଟର ଫେଷ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ମିଶନ ଶକ୍ତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ କଂଟେଂଟ କ୍ରିଏସନ କ୍ଷେତ୍ରରେ ଉତ୍ସାହିତ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିବା ଉପସ୍ଥିତ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ଡିଜିଟାଲ ମାଧ୍ୟମରେ ବହୁ ଯୁବକ ଯୁବତୀ ବିଭିନ୍ନ ବିଷୟ ଉପରେ ସୃଜନଶୀଳ କଂଟେଂଟ ପ୍ରସ୍ତୁତ କରୁଥିଲେ ମଧ୍ୟ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଅନେକ ପ୍ରତିଭା ଲୋକଲୋଚନକୁ ଆସିପାରୁନାହିଁ । ଏଭଳି ପ୍ରତିଭାଙ୍କୁ ଚିହ୍ନଟ କରିବା ସହ ଅନ୍ୟ ଯୁବପିଢ଼ିଙ୍କୁ ସକାରାତ୍ମକ ଦିଗରେ କଂଟେଂଟ ନିର୍ମାଣ ପାଇଁ ପ୍ରେରିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କଂଟେଂଟ ମାଧ୍ୟମରେ ଛାତ୍ରଛାତ୍ରୀ ନିଜ କ୍ୟାମ୍ପସ ଓ ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଂଚାଇପାରିବେ ବୋଲି ଆଲୋଚନା ହୋଇଥିଲା । ଏହା ଛାତ୍ର ସଶକ୍ତୀକରଣ ସହ ଜନସଚେତନତା ସୃଷ୍ଟିର ଏକ ପ୍ରଭାବଶାଳୀ ମାଧ୍ୟମ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା । ଏଥିସହ କୋରାପୁଟର କଳା, ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନକୁ ଡିଜିଟାଲ କଂଟେଂଟ ମାଧ୍ୟମରେ ବିଶ୍ୱସ୍ତରରେ ପହଂଚାଉଥିବା ଯୁବ କ୍ରିଏଟରମାନଙ୍କୁ ମଧ୍ୟ ଉତ୍ସାହିତ କରାଯାଇଥିଲା ।

# ପ୍ରସିଦ୍ଧ ବଳଦ ଯାତ୍ରା ନିମନ୍ତେ ଶାନ୍ତି କମିଟି ବୈଠକ

ଭୁବନ,୫/୧୦(ନି/ପ୍ର) :ଢେଙ୍କାନାଳ ଜିଲ୍ଲା ଭୁବନର ଐତିହାସିକ,ପାରମ୍ପରିକ ତଥା ଗଣ ପର୍ବ ଭାବେ ପ୍ରସିଦ୍ଧି ଲାଭ କରିଥିବା ଦଶହରା ବଳଦ ଯାତ୍ରା ଉପଲକ୍ଷେ ଏନ୍ ଏ ସି ସଭା ଗୃହରେ ଶନିବାର ଅପରାହ୍ନରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି କମିଟି ମୁଖ୍ୟ କାମାକ୍ଷା ନଗର ଉପ ଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ତହସିଲଦାର ଜ୍ୟୋତିରୂପା ଶତପଥୀ,କାମାକ୍ଷା ନଗର ଏସ ଡି ପି ଓ ରଜନୀ କାନ୍ତ ସାମଲ ଏନ୍ ଏ ସି ନିର୍ବାହୀ ଅଧିକାରୀ ପ୍ରଦତ ସାହୁ , ଥାନାଧିକାରୀ ରେଣୁବାଳା ସାହୁ,ବିଦ୍ୟୁତ୍ ବିଭାଗ ଆସିଷ୍ଟାଂଟ ମ୍ୟାନେଜର ନଳିନୀ ଶଙ୍କର ରଥ,ଦଶହରା ବଳଦ କମିଟି ସଭାପତି ଦିଲ୍ଲୀପ କୁମାର ଦାସ,ରାବଣ ପୋଡ଼ିଓ ଦୁର୍ଗା ମେଢ଼ ଭସାଣି ଯାତ୍ରା କୁ ଅତ୍ୟନ୍ତ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଶେଷ କରିବା ସହିତ ଡି ଜେ ସାଉଣ୍ଡ ବନ୍ଦ କରିବାକୁ ଆଲୋଚନା କରିଥିଲେ ।

# ବିବିଧା

## ଆଜିର ରାଶିଫଳ

ମେଷ: ଭାଗ୍ୟ ଆପଣଙ୍କ ସାଥ୍ ଦେବ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କର୍ମଚଞ୍ଚଳ ରହିବେ। ଆୟବ୍ୟୟ ସମାନ ରହିବ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

ମିଥୁନ: ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

କର୍କଟ: ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

କନ୍ୟା: ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ଭୋଗିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

ଧନୁ: ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ମନ ପ୍ରସନ୍ନ ରହିବ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିପାରନ୍ତି।

ମୀନ: ଆଶା କରିଥିବା ଦିଗରୁ ଧନ ମିଳିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

## ଆଜିର ଇତିହାସ

- ୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନିକୁ ଭାଙ୍ଗି ଦିଆଗଲା।
- ୧୮୮୦- ପ୍ରଥମ ଥର ସର୍ବସାଧାରଣ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୧୯୪୧- ବ୍ରିଟିଶ ସେନା ଇରାକ୍ ରାଜଧାନୀ ବାଗଦାଦ୍ ଉପରେ କବ୍‌ଜା କଲା।
- ୧୯୮୦- ସିଏନ୍‌ଏନ୍‌ର ୨୪ ଘଣ୍ଟିଆ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୯୬- ଏଚ୍.ଡି ଦେବଗୌଡ଼ା ଭାରତର ଏକାଦଶ ପ୍ରଧାନମନ୍ତ୍ରୀ ହେଲେ।


[redacted]

ଦୁଗ୍ଧଜାତ ଦ୍ରବ୍ୟର ଉପକାରିତା ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁନ୍ ପହିଲାକୁ ବିଶ୍ୱ ଦୁଗ୍ଧ ଦିବସ ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘ ଖାଦ୍ୟ ଏବଂ କୃଷି ସଂଗଠନ ୨୦୦୧ ମସିହାରୁ ଏହି ଦିବସ ପାଳନର ପରିକଳ୍ପନା କରିଥିଲା। କ୍ଷୀରକୁ ସୁପରଫୁଡ୍ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ଉପାଦାନ ଥାଏ, ଯାହାକି ଶରୀରର ହାଡ଼କୁ ମଜଭୁତ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଜୀବନ ଆରମ୍ଭରୁ ଆମ ଜୀବନରେ କ୍ଷୀର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହା ଏପରି ଏକ ଖାଦ୍ୟ ଯାହା ସବୁ ବୟସର ଲୋକମାନେ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ତେଣୁ ଏହାର ଆବଶ୍ୟକତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏବଂ ଦୁଗ୍ଧକୁ ବିଶ୍ୱବ୍ୟାପୀ ବ୍ୟବସାୟ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଜୁନ୍ ୧କୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଏ। ଦୁଗ୍ଧ ବା କ୍ଷୀର ମଣିଷ ସମାଜ ପାଇଁ ସୃଷ୍ଟିର ଏକ ଅତୁଳନୀୟ ଉପହାର। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ କ୍ଷୀରର ଆବଶ୍ୟକତା ରହିଛି। ମା' କ୍ଷୀର ହେଉ ବା ଗାଇ କ୍ଷୀର ତାହା ଅମୃତ ସମାନ। ହିନ୍ଦୁ ଧର୍ମରେ ଗୋମାତାର ସ୍ଥାନ ସ୍ୱତନ୍ତ୍ର। ଆଧୁନିକ ଯୁଗରେ ଆଧୁନିକତାର ଛାପରେ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଦୁଗ୍ଧ ବା କ୍ଷୀରର ଚାହିଦା ସଦା ସର୍ବଦା ରହି ଆସିଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ। ଏହାବାଦ୍ ଦୁଗ୍ଧ ଉତ୍ପାଦନ ଉପରେ ଦୃଷ୍ଟି ଦେବା ତଥା ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଛୋଟ ବେଳୁ ପିଲାଙ୍କୁ କ୍ଷୀର ଦିଆଯାଏ। ଏହା ସେମାନଙ୍କ ଶରୀରର ବିକାଶରେ ସାହାଯ୍ୟ କରେ। ତା'ସହ କ୍ଷୀର ଅସ୍ଥିକୁ ମଜଭୁତ ରଖିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ପିଇବା ଜରୁରି। ସେହିପରି କ୍ଷୀରରେ ଅପମିଶ୍ରଣ ବେଶ୍ ପୁରୁଣା। ଅବଶ୍ୟ ପୂର୍ବରୁ ଏହା କେବଳ ପାଣିରେ ସୀମିତ ଥିଲା। ଏବେ ମିଶ୍ରଣ କରିବାର ଶୈଳୀ ବଦଳିଗଲାଣି। କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଭଳି ମାରାତ୍ମକ ଜିନିଷ ଆଦି ମିଶୁଥିବା ଅନେକ ସମୟରେ ଅଭିଯୋଗ ହୁଏ। ଏହି କ୍ଷୀର ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଅମୃତ ଭଳି ପାନୀୟରେ କିଭଳି ଅପମିଶ୍ରଣକୁ ରୋକାଯିବ, ସେ ଦିଗରେ ସମସ୍ତଙ୍କୁ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱ ଦୁଗ୍ଧ ଦିବସ ଜୁନ୍ ୧ ତାରିଖରେ ପାଳନ କରାଯାଉଥିବାବେଳେ ଭାରତରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ 'ଜାତୀୟ ଦୁଗ୍ଧ ଦିବସ' ଭାବେ ପାଳନ କରାଯାଏ।

## ମାତ୍ରାଧିକ ଓଆର୍‌ଏସ୍ ପିଇବା କ୍ଷତିକାରକ



ଶରୀରରେ ଜଳୀୟ ଅଂଶ ଏବଂ ଲବଣର ସନ୍ତୁଳନ ବଜାୟ ରଖିବା ପାଇଁ ଓଆର୍‌ଏସ୍ ଅତ୍ୟନ୍ତ ଲାଭଦାୟକ। ଝାଡ଼ାବାନ୍ତି ନଚେତ୍ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏହା ଶରୀରକୁ ଶୀଘ୍ର ଶକ୍ତି ପ୍ରଦାନ କରିଥାଏ। ହେଲେ କିଛି ଜଣ ଏହାକୁ ବୋତଲରେ ପୂରାଇ ରଖି ଦିନସାରା ପିଇଥାନ୍ତି। ମାତ୍ରାଧିକ ଓଆର୍‌ଏସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଓଆର୍‌ଏସ୍‌କୁ ସୀମିତ ମାତ୍ରାରେ ପିଇବା ଜରୁରି ବୋଲି ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲର ବରିଷ୍ଠ ଡା. ଦୀପକ ସୁମନ କହିଛନ୍ତି। ଏନେଇ ସେ କୁହନ୍ତି, ଖରାଦିନେ ଓଆର୍‌ଏସ୍ ପିଇବାର ଅନେକ ଫାଇଦା ରହିଛି। ଏହା ଶରୀରର ଜଳୀୟ ଅଂଶର ଅଭାବକୁ ଦୂର କରିବା ସହ ଇଲେକ୍ଟ୍ରୋଲାଇଟ୍ ମାତ୍ରାକୁ ସନ୍ତୁଳିତ ରଖିଥାଏ। ଏଥିରେ ସୋଡିୟମ୍, ପୋଟାସିୟମ୍, ଗ୍ଲୁକୋଜ୍ ଥିବାରୁ ଡିହାଇଡ୍ରେସନ୍ ସ୍ଥିତିରେ ଏହା ଶରୀରକୁ ଶୀଘ୍ର ସୁସ୍ଥ କରିଥାଏ। ହେଲେ ଅନ୍ୟ ଜିନିଷ ଭଳି ଏହାକୁ ମଧ୍ୟ ସୀମିତ ମାତ୍ରାରେ ବ୍ୟବହାର କରିବା ଭଲ। ହେଲେ ଯେଉଁମାନେ ସ୍ୱାଭାବିକ ଭାବେ ପାଣି ପିଉଛନ୍ତି ବା ଡିହାଇଡ୍ରେସନ୍‌ର ଶିକାର ହୋଇନାହାଁନ୍ତି ସେମାନେ ବାରମ୍ବାର ଓଆର୍‌ଏସ୍ ପିଇବା ଫଳପ୍ରଦ ନୁହେଁ। କାରଣ ଏଥିରେ ଶର୍କରା ଥିବାରୁ ମାତ୍ରାଧିକ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ମାତ୍ରା ବଢ଼ିଯାଇଥାଏ। ସେହିପରି ଓଆର୍‌ଏସ୍‌ରେ ଲୁଣ ଥିବାରୁ ଏହାକୁ ମାତ୍ରାଧିକ ପିଇବା ଦ୍ୱାରା ରକ୍ତଚାପ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ। କେବଳ ସେତିକିନୁହେଁ, ଆବଶ୍ୟକତାଠାରୁ ଅଧିକ ଓଆର୍‌ଏସ୍ ପିଇଲେ ଶରୀରରେ ଇଲେକ୍ଟ୍ରୋଲାଇଟ୍ (ସୋଡିୟମ, ପୋଟାସିୟମ) ଭାରସାମ୍ୟକୁ ନଷ୍ଟ କରିଥାଏ। ଏହା କିଡ୍‌ନୀ ପାଇଁ କ୍ଷତିକାରକ ହୋଇଥାଏ। ସେଥିପାଇଁ ବୃକ୍କଜନିତ, ଉଚ୍ଚରକ୍ତଚାପ ରୋଗରେ ପୀଡ଼ିତ, ହୃଦ୍‌ରୋଗୀ, ମଧୁମେହ ରୋଗୀ ଡାକ୍ତରଙ୍କ ବିନା ପରାମର୍ଶରେ ଓଆର୍‌ଏସ୍ ପିଇବା ଅନୁଚିତ।

## ସରିଲା 'ଶକ୍ତିଶାଳିନୀ'ର ସୁଟିଂ



ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ମ୍ୟାଡକ୍ ଫିଲ୍ମସ୍‌ର ହରର୍ ଫିଲ୍ମ 'ଶକ୍ତିଶାଳିନୀ'ର ସୁଟିଂ ଇତିମଧ୍ୟରେ ସରି ଯାଇଛି। ନିର୍ଦ୍ଦେଶକ ଆଦିତ୍ୟ ସରପୋତଦାର ଏହି ଚଳଚ୍ଚିତ୍ରରେ ବଙ୍ଗଳା ଲୋକକଥାକୁ ଅଲୌକିକ ଶକ୍ତି ଏବଂ ପ୍ରତିଶୋଧର କାହାଣୀ ସହିତ ଅତି ସୁନ୍ଦର ଭାବରେ ଯୋଡ଼ିଛନ୍ତି। ଅନୀତ ପଡ୍ଡା ଏଥିରେ ମୁଖ୍ୟ ଭୂମିକାରେ ଦେଖାଯିବେ। ସେ ଡବଲ୍ ରୋଲରେ ନଜର ଆସିବେ। ଗୋଟିଏ ଚରିତ୍ରରେ ସେ 'ଶକ୍ତି'ସାଜିଛନ୍ତି, ଯିଏ ଜଣେ ସାଧାରଣ ମହିଳାରୁ ରକ୍ଷାକର୍ତ୍ତୀ ପାଲଟି ଯାଉଛନ୍ତି। ସେହିପରି ତାଙ୍କର ଦ୍ୱିତୀୟ ଚରିତ୍ରଟି ହେଉଛି 'ଶାଳିନୀ' ନାମକ ଆତ୍ମା ଯିଏ କି ପ୍ରତାରଣାର ଶିକାର ହେବା ପରେ ନ୍ୟାୟ ଚାହୁଁଛି। ଏହି ଚଳଚ୍ଚିତ୍ରର ସୁଟିଂ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହାର ଅଧିକାଂଶ ସୁଟିଂ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କରାଯାଇଛି। ଚଳଚ୍ଚିତ୍ରର ଶେଷ ସିନ୍‌ର ସୁଟିଂ ମେ' ୨୭ ତାରିଖରେ ମୁମ୍ବାଇର ଚିତ୍ରରଥ ଷ୍ଟୁଡିଓରେ କରାଯାଇଥିଲା। ବିନୀତ କୁମାର ସିଂ 'ଶକ୍ତିଶାଳିନୀ'ରେ ଖଳନାୟକ ଭାବେ ଦେଖାଯିବେ। ନାନା ପାଟେକର, ସୀମା ବିଶ୍ୱାସ ଏବଂ ବିଶାଳ ଜେଠୱାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। 'ଶକ୍ତିଶାଳିନୀ' ଏବେ ମ୍ୟାଡକ୍ ଫିଲ୍ମସ୍‌ର ହରର୍ କମେଡି ୟୁନିଭର୍ସରେ ସାମିଲ ହୋଇଛି। ପୂର୍ବରୁ ଏହା 'ସ୍ତ୍ରୀ', 'ଭେଡିୟା', 'ମୁଞ୍ଜ୍ୟା' ଭଳି ଫିଲ୍ମ ଆଣିଥିଲା।




## ସଂକଳ୍ପ ବିନା ପୂଜା ଅଧୁରା

**ଶାସ୍ତ୍ରରେ ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ କରିବା ନିୟମ ଅଛି। ପୂଜା କରିବା ପୂର୍ବରୁ ତଥା ବ୍ରତ ରଖିବା ପୂର୍ବରୁ ନିଜ ଇଷ୍ଟ ଦେବଙ୍କ ଧ୍ୟାନ କରିବା ଦରକାର। ଏହା ପରେ ପୂଜା ତଥା ବ୍ରତ କରିବାକୁ କୁହାଯାଏ। ତେବେ ସଂକଳ୍ପ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



ଧାର୍ମିକ ମାନ୍ୟତାନୁସାରେ, ପୂଜା ତଥା ବ୍ରତ ପୂର୍ବରୁ ସଂକଳ୍ପ ନ ରଖିବା ପୂର୍ବରୁ ପୂଜା, ବ୍ରତ ଅଧୁରା ବୋଲି ବିବେଚନା କରାଯାଏ। ଏହାକୁ କରିବାର ଶୁଭଫଳ ପ୍ରାପ୍ତି ହୁଏ ନାହିଁ। ଧାର୍ମିକ ମାନ୍ୟତାନୁସାରେ, ଯେଉଁମାନେ ବିନା ସଂକଳ୍ପରେ ପୂଜା ତଥା ବ୍ରତ ରଖନ୍ତି, ସେମାନଙ୍କ ପୂଜାର ପୂରା ଫଳ ଦେବରାଜ ଇନ୍ଦ୍ର ନେଇଥାନ୍ତି।

ସେହିପରି କୌଣସି ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ ନେବାର ଅର୍ଥ ହେଉଛି ଇଷ୍ଟଦେବ ତଥା ନିଜେ ନିଜକୁ ସାକ୍ଷୀ ଭାବି ମନକୁ ମନ ସଂକଳ୍ପ ନେବା। ସଂକଳ୍ପ ଦ୍ୱାରା ପୂଜା ତଥା ବ୍ରତକୁ ପୂର୍ଣ୍ଣ କରିବା ପ୍ରାର୍ଥନା କରାଯାଏ। ତେବେ ସଂକଳ୍ପ କରିବାର ନିୟମ ଓ ବିଧି ରହିଛି। ଏଥିରେ ପୂଜା କରୁଥିବା ବ୍ୟକ୍ତି ପ୍ରଥମେ ହାତରେ ଜଳ ଧାରଣ କରେ। ତା'ସହ ଅକ୍ଷତ ଓ ଫୁଲ ରଖି ଭଗବାନ ଗଣେଶଙ୍କୁ ଧ୍ୟାନ କରି ସଂକଳ୍ପ କରନ୍ତି। ଶ୍ରୀଗଣେଶଙ୍କୁ ଧ୍ୟାନ କରିବା ପଛର କାରଣ ହେଲା ସେ ହେଉଛନ୍ତି ଅଗ୍ନି, ପୃଥିବୀ, ଜଳ, ବାୟୁ ଆକାଶର ଅଧିପତି। ଏହି ବିଧିରେ ସଂକଳ୍ପ କରିବା ଦ୍ୱାରା କୌଣସି ବିଘ୍ନ ବିନା ପୂଜା ପୂର୍ଣ୍ଣ ହୁଏ। ଏହା ସହ ବ୍ରତ ରଖିବାର ପୂରା ଫଳ ପ୍ରାପ୍ତ ହୁଏ। ସଂକଳ୍ପର ସବୁଠୁ ଜରୁରି ନିୟମ ହେଉଛି ଯେଉଁ ବ୍ରତ ତଥା ପୂଜା ଲାଗି ସଂକଳ୍ପ ନିଆଯାଏ, ତାହାକୁ ପୂରା ଜରୁରି କରାଯାଏ। ସଂକଳ୍ପ ନେବା ପରେ ବ୍ରତ ତଥା ପୂଜାକୁ ଅଧୁରା ଛାଡ଼ିଲେ ଇଷ୍ଟଦେବ କ୍ରୋଧ ପ୍ରକଟ କରିଥାନ୍ତି।

## ସପ୍ତାହର ୭ ଦିନରେ କେଉଁ କାର୍ଯ୍ୟ କରିବେ

**ସପ୍ତାହର ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ଦିନର ଆରମ୍ଭ ଅଲଗା ଅଲଗା ଗ୍ରହରୁ ହୋଇଥାଏ। ସୋମବାରରୁ ରବିବାର ମଧ୍ୟରେ କିଛି କାମ କରିବା ଅତ୍ୟନ୍ତ ଶୁଭ। ସେହିପରି ଏହି ସାତ ଦିନରେ କିଛି କାମ କରିବାକୁ ବାରଣ କରାଯାଇଛି।**



ରବିବାର: ସୂର୍ଯ୍ୟଦେବଙ୍କଠାରୁ ରବିବାର ଆରମ୍ଭ। ଏହିଦିନ ଶାସନ ତଥା ଅସ୍ତ୍ରଶସ୍ତ୍ର ସହ ଜଡ଼ିତ କାମ କରିବା ଉଚିତ। କୌଣସି ବଡ଼ ଚୁକ୍ତି ଏହିଦିନ କରିବା ଶୁଭ। ସେହିପରି ଏହି ଦିନ କାହା ସହିତ ଝଗଡ଼ା କରିବା ଅନୁଚିତ। ତୁଳସୀ ଛିଡ଼ାଇବା ଭଲ ନୁହେଁ। କଳା ବସ୍ତ୍ର ଏହିଦିନ ପିନ୍ଧିବା ଭଲ ନୁହେଁ। ରବିବାର କେଶ ଏବଂ କ୍ଷୌର କାର୍ଯ୍ୟ କରିବା ମନା।

ସୋମବାର: ଭଗବାନ ଶିବଙ୍କୁ ସୋମବାର ସମର୍ପିତ। ଦିନର ଆରମ୍ଭ ଚନ୍ଦ୍ରଦେବଙ୍କଠାରୁ ହୋଇଥାଏ। ଏହିଦିନ ଅର୍ଥ ନେଣଦେଣ କରିପାରିବେ। ବୃକ୍ଷ ରୋପଣ ସହ ପଶୁ ପାଳନ କରିପାରିବେ। ଆଭୂଷଣ କିଣିବା ଲାଗି ସୋମବାର ଶୁଭ। ବାପାମାଆଙ୍କ ଅପମାନ କରନ୍ତୁ ନାହିଁ। ଦ୍ୱିପହରରେ ଶୁଅନ୍ତୁ ନାହିଁ। ଏହିଦିନ ପୂର୍ବ, ଉତ୍ତର ଦିଗରେ ଯାତ୍ରା କରନ୍ତୁ ନାହିଁ। ଏହିଦିନ ଚାକିରି ଆରମ୍ଭ କରନ୍ତୁ ନାହିଁ।

ମଙ୍ଗଳବାର: ମଙ୍ଗଳବାରର ସ୍ୱାମୀ ହନୁମାନ। ଭୂମିପୁତ୍ର ମଙ୍ଗଳଙ୍କଠାରୁ ଦିନର ପ୍ରାରମ୍ଭ ହୋଇଥାଏ। ଜମି କିଣାବିକା ଲାଗି ଏହି ଦିନ ଶୁଭ। ସଶସ୍ତ୍ର ସମ୍ବନ୍ଧିତ କାର୍ଯ୍ୟ କରିବା ଶୁଭ। କାହାଠାରୁ ଧାରଜ କରଜ କରନ୍ତୁ ନାହିଁ। ନଖ, କେଶ ଆଦି କାଟିବା ଭଲ ନୁହେଁ।

ବୁଧବାର: ବୁଧବାରର ସ୍ୱାମୀ ଶ୍ରୀଗଣେଶ। ଦିନର ଆରମ୍ଭ ବୁଧ ଗ୍ରହରୁ ହୋଇଥାଏ। ବୁଧବାର ନୂଆ ବ୍ୟବସାୟ ଆରମ୍ଭ କରିବା ଭଲ। ପିଲାଙ୍କ ପଢ଼ା ଲେଖା ବୁଧବାରରୁ ଆରମ୍ଭ କରିବା ଉଚିତ। ମିଛ ନ କହିବା ସହ କୌଣସି କନ୍ୟା ଏବଂ କିନ୍ନରଙ୍କ ଅପମାନ କରିବା ଅନୁଚିତ। ବୁଧବାର ପାନ ଖାଇବା ମନା।

ଗୁରୁବାର: ଗୁରୁବାରର ସ୍ୱାମୀ ଗ୍ରହ ଭଗବାନ ବିଷ୍ଣୁ। ଗୁରୁ ଗ୍ରହରୁ ଏହି ଦିନର ଆରମ୍ଭ। କଦଳୀ ଗଛ ପୂଜା କରିବା ଉଚିତ। ହଳଦିଆ ବସ୍ତ୍ର ପରିଧାନ କରିବା ଭଲ। ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟ କରିବା ଭଲ। କେଶ, ନଖ ତଥା କ୍ଷୌର କର୍ମ କରିବା ଭଲ ନୁହେଁ। ଧାର କରଜ କରିବା ଭଲ ନୁହେଁ। ଡ୍ରେସ ତଥା ଘର ସଫାସଫି କରିବା ଅନୁଚିତ।

ଶୁକ୍ରବାର: ଶୁକ୍ରବାରର ଆରମ୍ଭ ଶୁକ୍ର ଗ୍ରହରୁ ହୋଇଥାଏ। ଗୀତ-ସଙ୍ଗୀତ ସହ ଜଡ଼ିତ କାର୍ଯ୍ୟ ଏହିଦିନରୁ କରିବା ଭଲ। ପ୍ରେମ ଲାଗି ଏହିଦିନ ଶୁଭ। ନୂଆ ପୋଷାକ କିଣିବା ପାଇଁ ଭଲ ଦିନ। ସ୍ୱାମୀ-ସ୍ତ୍ରୀ, ପ୍ରେମିକ-ପ୍ରେମିକା ଏହିଦନ ଝଗଡ଼ା କରିବା ଅନୁଚିତ। ଦୃଷ୍ଟିବାଧିତ ଏବଂ କନ୍ୟାଙ୍କ ଅପମାନ କରିବା ଭଲ ନୁହେଁ।

ଶନିବାର: ଶନିଦେବଙ୍କୁ ଏହିଦିନ ସମର୍ପିତ। ତନ୍ତ୍ର-ମନ୍ତ୍ର ସିଦ୍ଧି ଲାଗି ଏହା ଶୁଭ। ଲୁହା, ଜୋତା, ଚପଲ ଆଦି କିଣିବା ଭଲ ନୁହେଁ। ଶ୍ରମିକଙ୍କ ଅପମାନ କରନ୍ତୁ ନାହିଁ। କାହା ସହିତ ଅନ୍ୟାୟ କିମ୍ବା ଧାର କରଜ କରିବା ଭଲ ନୁହେଁ।



ମେଷ: ଏହି ରାଶି ବ୍ୟକ୍ତିବିଶେଷଙ୍କୁ ଜୁନ ମାସରେ ଶୁଭ ଫଳ ମିଳିବ। ମନରେ ଏକ ଅଲଗା ଉତ୍ସାହ ପରିଲକ୍ଷିତ ହେବ। ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବ। କ୍ୟାରିୟରରେ ଲାଭ ମିଳିବ। କଠିନ କାମ ସହଜ ଏବଂ ବିନା ବାଧାରେ ପୂରଣ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

ମିଥୁନ: ଏହି ମାସରେ ଆର୍ଥିକ ସ୍ଥିତି ମଜଭୁତ ହେବ। ଆୟ ବୃଦ୍ଧି ପାଇବ। ମା' ଲକ୍ଷ୍ମୀଙ୍କ କୃପାରୁ ଅର୍ଥ ସଙ୍କଟ ଦୂର ହେବ। ବ୍ୟବସାୟ ଯୋଜନା ସଫଳ ହେବ। ବୈବାହିକ ଜୀବନ ସୁଖମୟ ହେବ। ସନ୍ତାନ ସୁଖ ପ୍ରାପ୍ତି ହେବ।

କର୍କଟ: ଏହି ମାସ କର୍କଟ ରାଶିଙ୍କ ପାଇଁ ଲାଭକାରୀ ହେବ। ମାନ ସମ୍ମାନ ଏବଂ ପଦୋନ୍ନତିରେ ବୃଦ୍ଧି ଘଟିବ। ଏହି ମାସ ଶେଷରେ କୌଣସି ଖୁସି ଖବର ମିଳିବ। କୌଣସି ବଡ଼ କାମ ପୂରା ହେବ। ଧର୍ମ-କର୍ମରେ ରୁଚି ବଢ଼ିବ। ଆୟ ଦ୍ୱିଗୁଣିତ ହେବ।

କନ୍ୟା: ଘର ତଥା ମାତା ସୁଖ ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସାହାଯ୍ୟ ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଧନ ଲାଭ ସହିତ ଜୀବନରେ ଉନ୍ନତି ଘଟିବ। କ୍ୟାରିୟରେ ଆଗକୁ ବଢ଼ିବାର ସୁଯୋଗ ମିଳିବ।

ବିଛା: ବିଛା ରାଶିଙ୍କ ପାଇଁ ଏହି ମାସ ଲାଭକାରୀ ହେବ। ପୂରା ମାସ ଶୁଭ ଏବଂ ମଙ୍ଗଳକାରୀ ହେବ। ଅନେକ ଶୁଭ ଖବର ମିଳିବ। ଅଟକି ରହିଥିବା କାମ ପୂରଣ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଅଯଥା ଖର୍ଚ୍ଚ କରିବାରୁ ବଞ୍ଚିତ ହେବେ।

[redacted]

**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଙ୍କ ଗୋଚରର ବିଶେଷ ମହତ୍ତ୍ୱ ଅଛି। ଜୁନ୍‌ରେ ଗୁରୁ, ଶୁକ୍ର, ସୂର୍ଯ୍ୟ, ମଙ୍ଗଳ ଏବଂ ବୁଧ ଗ୍ରହଙ୍କ ଗୋଚର ହେବ। ଏହି ବଡ଼ ଗ୍ରହଙ୍କ ଗୋଚର ଦ୍ୱାରା ୫ ରାଶିଙ୍କୁ ଲାଭ ମିଳିବ।**

## ହନୁମାନ ଅଷ୍ଟକ ପାଠର ନିୟମ

**ପ୍ରଭୁ ଶ୍ରୀ ହନୁମାନଙ୍କ କୃପା ପ୍ରାପ୍ତି ଲାଗି ହନୁମାନ ଚାଳିଶା, ବଜରଙ୍ଗବାଣ, ସୁନ୍ଦରକାଣ୍ଡ, ହନୁମାନ ଅଷ୍ଟକ ପାଠ କରାଯାଏ। ସନାତନ ଧର୍ମ ଶାସ୍ତ୍ର ମୁତାବିକ ହନୁମାନ ଅଷ୍ଟକ ପାଠ କରିବାର ବିଶେଷ ନିୟମ ଅଛି।**

- ହନୁମାନ ଅଷ୍ଟକ ପାଠ କରିବା ପୂର୍ବରୁ ସ୍ନାନ କରିବା ଜରୁରି।
- ହାତରେ ଜଳ କିମ୍ବା ଗଙ୍ଗା ଜଳ ରଖି ସଂକଳ୍ପ କରନ୍ତୁ।
- ପୂଜା ସ୍ଥାନରେ ନାଲି ରଙ୍ଗ ଆସନ ପକାନ୍ତୁ। ନାଲି ରଙ୍ଗ ବସ୍ତ୍ର ପିନ୍ଧି ସେହି ଆସନରେ ବସନ୍ତୁ।
- ଏହାବାଦ୍ କୌଣସି ହନୁମାନ ମନ୍ଦିରରେ ବସି ଏହାକୁ ପାଠ କରିପାରିବେ।
- ପାଠ କରିବା ପୂର୍ବରୁ ହନୁମାନଙ୍କୁ ଧୂପ-ଦୀପ ପ୍ରଦାନ କରନ୍ତୁ। ସିନ୍ଦୁର, ନାଲି ଫୁଲ ଏବଂ ବୁନ୍ଦି ଲଡୁ ଅର୍ପଣ କରନ୍ତୁ।
- ଅଷ୍ଟକ ପାଠର ଶୁଭ ଫଳ ପାଇଁ ୩, ୫, ୧୧, ୨୧ ଥର ଏହାର ପାଠ କରନ୍ତୁ।
- ଅଷ୍ଟକ ପାଠ ଦିନ ଆମିଷ ଏବଂ ନିଶା ସେବନ କରିବା ଅନୁଚିତ।
- ଶାନ୍ତ ପରିବେଶ ଏବଂ ନିଷ୍ଠାର ସହ ଏହାକୁ ପାଠ କରିବା ଉଚିତ।



ଉତ୍କଳ ସମାଚାର

# ସମ୍ପାଦକୀୟ...

## ମଙ୍ଗଳବାର ୭ ଅକ୍ଟୋବର ୨୦୨୬

## 'ଅଶୋକ ସିଂଘଲ ଜୀ— ଜଣେ କର୍ମଯୋଗୀ'

### ଦତ୍ତାତ୍ରେୟ ହୋସବାଲେ

ଭାରତ ପାଇଁ ଏହା ଯୁଗ-ନିର୍ମାଣର ସମୟ । ସମ୍ପୂର୍ଣ୍ଣ ଦେଶ ଏକ ନୂତନ ଆତ୍ମବିଶ୍ୱାସର ସହ ନୂତନ ଭାରତ ନିର୍ମାଣର ସଂକଳ୍ପ ନେଉଛି । ଭାରତ ଆତ୍ମଗ୍ଲାନିରୁ ବାହାରି ଆତ୍ମଗୌରବ ଆଡ଼କୁ ଅଗ୍ରସର ହେଉଛି ଏବଂ ଏହାର 'ସ୍ୱବୋଧ' ଜାଗ୍ରତ ହେଉଛି । ଏହି ପରିବର୍ତ୍ତନକୁ ଭାରତର ପୁନରୁତ୍ଥାନ କୁହାଯାଇପାରେ । ଯେଉଁ ମହାପୁରୁଷମାନଙ୍କର ଅକ୍ଲାନ୍ତ ପ୍ରଚେଷ୍ଟା ଫଳରେ ଭାରତର ସ୍ୱବୋଧ ଜାଗ୍ରତ ହେଲା ଏବଂ ହିନ୍ଦୁ ସମାଜରେ ଆତ୍ମବିଶ୍ୱାସର ସଚାର ହେଲା, ସେମାନଙ୍କ ମଧ୍ୟରେ ମାନନୀୟ ଅଶୋକ ସିଂଘଲ ଜୀଙ୍କ ନାମ ଆଗ ଧାଡ଼ିରେ ରହେ । ତାଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ପାଇଁ ସମାଜ ତାଙ୍କୁ ବିଭିନ୍ନ ନାମରେ ସମ୍ବୋଧିତ କରିଛି— କିଏ ତାଙ୍କୁ 'ହିନ୍ଦୁ ହୃଦୟ ସମ୍ରାଟ' ତ କିଏ 'ରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା', 'ହିନ୍ଦୁ ପୁନରୁତ୍ଥାନର ନାୟକ' ତଥା 'ରାଷ୍ଟ୍ର ଜାଗରଣ ଅଭିଯାନର ସେନାପତି' ବୋଲି କହୁଛନ୍ତି । କିନ୍ତୁ ଯଦି ଅଶୋକ ଜୀଙ୍କ ବ୍ୟକ୍ତିତ୍ୱର ପରିଚୟ କେବଳ ଗୋଟିଏ ଶବ୍ଦରେ ଦେବାକୁ ହୁଏ, ତାହା ହେଉଛି - କର୍ମଯୋଗୀ । ନିଷ୍କାମ ଭାବନାରେ ସେ କର୍ମ କରୁଥିଲେ । କୌଣସି କାର୍ଯ୍ୟରେ ସଫଳତା ମିଳିଲେ ତାହାର ଶ୍ରେୟ ନିଜେ ନ ନେଇ ଈଶ୍ୱରଙ୍କୁ ଠାରେ ତାହା ସମର୍ପଣ କରିଦେଉଥିଲେ ଏବଂ ସଫଳତା ଠାରୁ ମିଳୁଥିବା ପ୍ରସିଦ୍ଧିରୁ ନିଜକୁ ଦୂରେଇ ରଖୁଥିଲେ । ପ୍ରସିଦ୍ଧିର ଶିଖରରେ ପହଚିଂବା ପରେ ମଧ୍ୟ ସେ କେବେ ପ୍ରସିଦ୍ଧିର କାମନା ରଖି ନଥିଲେ । ତାଙ୍କ ଉପସ୍ଥିତିରେ ଯଦି ତାଙ୍କର ପ୍ରଶଂସା ହେଉଥିଲା ତାହା ତାଙ୍କୁ ଠିକ୍ ଲାଗୁ ନଥିଲା । ମାନ-ଅପମାନ, ଯଶ-ଅପଯଶରୁ ଉର୍ଦ୍ଧ୍ୱକୁ ଉଠି ନିଜ କର୍ତ୍ତବ୍ୟ-ପଥରେ ସମଭାବରେ ନିରନ୍ତର ଚାଲିବା ହିଁ ଜଣେ କର୍ମଯୋଗୀ ତଥା ଜଣେ ସଚ୍ଚା ସ୍ୱୟଂସେବକର ପରିଚୟ । ଏହି ସବୁ ଗୁଣ ଅଶୋକଜୀଙ୍କ ଜୀବନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା । ପ୍ରତିଭାର ରାଷ୍ଟ୍ରକାର୍ଯ୍ୟ ପାଇଁ ସମର୍ପଣ ଅଶୋକଜୀ ବିଲକ୍ଷଣ ପ୍ରତିଭାର ଅଧିକାରୀ ତଥା ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ମେଧାବୀ ଛାତ୍ର ଥିଲେ । କିନ୍ତୁ ତାଙ୍କର ଜ୍ଞାନର ପ୍ରତିଭା ବ୍ୟକ୍ତିଗତ ଜୀବନର ଉନ୍ନତି ପାଇଁ ନଥିଲା, ପରନ୍ତୁ ରାଷ୍ଟ୍ରର ଉତ୍ଥାନ ପାଇଁ ସମର୍ପିତ ଥିଲା । ସେ ଏକ ପ୍ରତିଷ୍ଠିତ ଏବଂ ଉଚ୍ଚ ଶିକ୍ଷିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜଣେ ଭାଇ ଭାରତୀୟ ପୋଲିସ ସେବାରେ କାର୍ଯ୍ୟକରି ଉତ୍ତର ପ୍ରଦେଶର ପୋଲିସ ମହାନିର୍ଦ୍ଦେଶକ ପଦବୀ ପର୍ଯ୍ୟନ୍ତ ପହଁଚି ପାରିଥିଲେ ଏବଂ ତାଙ୍କର ଅନ୍ୟ ଭାଇମାନେ ସଫଳ ବ୍ୟବସାୟୀ ଓ ଶିଳ୍ପପତି ହୋଇ ପାରିଥିଲେ । ସ୍ୱୟଂ ଅଶୋକ ଜୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଧାତୁ ବିଜ୍ଞାନ (ଗରତ୍ତବକ୍ଷକ୍ଷଙ୍କକ୍ସଶଚ)ରେ ଇଞ୍ଜିନିୟରିଂ ଶିକ୍ଷା ପ୍ରାପ୍ତ କରିଥିଲେ । ତାଙ୍କ ପାଖରେ ବ୍ୟକ୍ତିଗତ ଜୀବନର ପ୍ରଗତି ପାଇଁ ଅନେକ ସୁଯୋଗ ଥିଲା, କିନ୍ତୁ ସେ ନିଜ ଜୀବନକୁ ରାଷ୍ଟ୍ର ପ୍ରତି ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଦେଇଥିଲେ । ସେ ମୂଳରୁ ଆଧ୍ୟାତ୍ମିକ ବିଚାରର ବ୍ୟକ୍ତି ଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ପରି ସେ ମଧ୍ୟ ନିଜ ପାଇଁ କିଛି ପାଇବାର ଆଶା ନରଖି ସମାଜ ଏବଂ ରାଷ୍ଟ୍ର ପାଇଁ ନିଜ ଜୀବନ ସମର୍ପିତ କରିଦେଇଥିଲେ । ତାଙ୍କ ସାଧନାର କେନ୍ଦ୍ର ନିଜ ବଦଳରେ ସମାଜ ଏବଂ ରାଷ୍ଟ୍ର ଥିଲା । ସଂଘ ସଂସ୍କାର ଦ୍ୱାରା ନିର୍ମାଣ ହୋଇଥିବା ବ୍ୟକ୍ତିତ୍ୱ ଅଶୋକଜୀ ଛାତ୍ରଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମ୍ପର୍କରେ ଆସିଥିଲେ । ପ୍ରାରମ୍ଭିକ ଜୀବନରେ ତାଙ୍କୁ ପୂଜନୀୟ ପ୍ରଫେସର ରାଜେନ୍ଦ୍ର ସିଂହ 'ରଜ୍ଜୁ ଭୈୟା'ଙ୍କ ମାର୍ଗଦର୍ଶନର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମାନନୀୟ ଭାଉରାଓ ଦେବରସ ଜଣେ କୁଶଳୀ ଶିଳ୍ପୀ ଭାବରେ ତାଙ୍କ ବ୍ୟକ୍ତିତ୍ୱକୁ ଗଢ଼ିତୋଳିଥିଲେ । ତାଙ୍କୁ ପୂଜନୀୟ ଗୁରୁଜୀଙ୍କ ମାର୍ଗଦର୍ଶନ ମଧ୍ୟ ନିରନ୍ତର ପ୍ରାପ୍ତ ହୋଇଥିଲା । ତାଙ୍କର ସମର୍ପଣଭାବ, କର୍ମଠତା, ଦୃଢ଼ ସଂକଳ୍ପ, ପରିଚାଳନା ଦକ୍ଷତା, ସଂଗଠନ ଦକ୍ଷତା ଏବଂ ଦୂରଦୃଷ୍ଟିରେ ଏହି ମହାପୁରୁଷମାନଙ୍କ ମାର୍ଗଦର୍ଶନର ସ୍ପଷ୍ଟ ଛାପ ଦେଖାଯାଉଥିଲା । ଇଞ୍ଜିନିୟରିଂ ଶିକ୍ଷା ସମାପ୍ତ ହେବା ମାତ୍ରେ ସେ ସଂଘର ପ୍ରଚାରକ ହୋଇଗଲେ । ତାଙ୍କୁ ଯେଉଁ ଦାୟିତ୍ୱ ବି ମିଳିଲା ସେ ତାହାକୁ ସଂପୂର୍ଣ୍ଣ ନିଷ୍ଠା ଓ ପରିଶ୍ରମର ସହିତ ତୁଲାଇଥିଲେ । ଏପରି ମନେ ହେଉଥିଲା ଯେମିତି ସେ ସେହି ଦାୟିତ୍ୱ ପାଇଁ ହିଁ ଗଢ଼ା ହୋଇଛନ୍ତି । ବିରାଟ ହିନ୍ଦୁ ସମ୍ମିଳନୀ ଏବଂ ବିଶ୍ୱ ହିନ୍ଦୁ ପରିଷଦର ଦାୟିତ୍ୱ ଯେତେବେଳେ ସେ ଦିଲ୍ଲୀ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ଥିଲେ (ଯେଉଁଥିରେ ଦିଲ୍ଲୀ ଏବଂ ହରିୟାଣା ଉଭୟ ପ୍ରଦେଶ ସମାହିତ ଥିଲା), ସେତେବେଳେ ମୀନାକ୍ଷୀପୁରମ୍‌ର ଧର୍ମାନ୍ତରଣ ଘଟଣା ସମଗ୍ର ସମାଜକୁ ଚିନ୍ତାରେ ପକାଇଥିଲା । ସେହି ସମୟରେ ହିନ୍ଦୁ ସମାଜର ବ୍ୟାପକ ଜାଗରଣର ଆବଶ୍ୟକତା ଅନୁଭବ କରାଯାଉଥିଲା । ମାନନୀୟ ଅଶୋକଜୀଙ୍କୁ ଦିଲ୍ଲୀରେ 'ବିରାଟ ହିନ୍ଦୁ ସମ୍ମିଳନୀ' ଆୟୋଜନର ଦାୟିତ୍ୱ ଦିଆଯାଇଥିଲା । ଡକ୍ଟର କର୍ଣ୍ଣ ସିଂହଙ୍କ ସହିତ ସମାଜର ବିଭିନ୍ନ ବର୍ଗକୁ ସାଙ୍ଗରେ ନେଇ ସେ ଏହି ବିରାଟ ହିନ୍ଦୁ ସମ୍ମିଳନୀର ଯୋଜନାକୁ ସଫଳ କରିଥିଲେ । ପୂଜ୍ୟ ସାଧୁସନ୍ଥଙ୍କ ମାର୍ଗଦର୍ଶନରେ ସମାଜର ବିଭିନ୍ନ ବର୍ଗକୁ ଯୋଡ଼ି ଯେଉଁ କୁଶଳତାର ସହିତ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ସେଥିରୁ ଅଶୋକଜୀଙ୍କ ସଂଗଠନ-ଦକ୍ଷତାର ପରିଚୟ ସମଗ୍ର ସମାଜକୁ ମିଳିଥିଲା । ଏହି ଆୟୋଜନ ମାଧ୍ୟମରେ ସମାଜରେ ଧର୍ମାନ୍ତରୀକରଣର ଆହ୍ୱାନ ପ୍ରତି ଦାୟିତ୍ୱ-ବୋଧ ଜାଗ୍ରତ ହୋଇଥିଲା । ଏହା ପରେ ଧାର୍ମିକ ଏବଂ ସାମାଜିକ କ୍ଷେତ୍ରରେ ବ୍ୟାପକ ଜାଗରଣ ପାଇଁ ତାଙ୍କୁ ବିଶ୍ୱ ହିନ୍ଦୁ ପରିଷଦର ଦାୟିତ୍ୱ ମିଳିଥିଲା । ସେ ଏହି ଦାୟିତ୍ୱକୁ ମଧ୍ୟ ସେହି କର୍ମଠତା ଏବଂ ସମର୍ପଣଭାବର ସହିତ ତୁଲାଇଥିଲେ । ସମାଜର ପରିସ୍ଥିତିଗୁଡ଼ିକୁ ବୁଝିବା, ସେହି ଅନୁରୂପ ଚିନ୍ତା କରିବା, ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକୁ ତଳସ୍ତର ପର୍ଯ୍ୟନ୍ତ ପହଚାଇବା ଆଦି ତାଙ୍କ କାର୍ଯ୍ୟଶୈଳୀର ବିଶେଷତା ଥିଲା । ସମରସ ହିନ୍ଦୁ ସମାଜ ନିର୍ମାଣ କରିବାର ପ୍ରୟାସ ହିନ୍ଦୁ ସମାଜରେ ବହୁବର୍ଷ ଧରି ଅସ୍ପୃଶ୍ୟତା ଏକ ଗମ୍ଭୀର ସାମାଜିକ ଆହ୍ୱାନ ହୋଇ ରହିଥିଲା । ଅସ୍ପୃଶ୍ୟତା ଦୂର ନ ହେବା ପର୍ଯ୍ୟନ୍ତ ସମରସ ସମାଜର କଳ୍ପନା ପୂର୍ଣ୍ଣ ହୋଇପାରିବ ନାହିଁ । ଅଶୋକଜୀ ଏହି ବିଷୟକୁ କେବଳ ସାମୂହିକ ଭୋଜନ କିମ୍ବା ପ୍ରତୀକାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ରଖିନଥିଲେ । ସେ ପୂଜନୀୟ ସନ୍ଥମାନଙ୍କୁ ହିନ୍ଦୁ ସମାଜକୁ ଏହି ବାର୍ତ୍ତା ଦେବା ପାଇଁ ଅନୁରୋଧ କରିଥିଲେ ଯେ, ଅସ୍ପୃଶ୍ୟତା ହିନ୍ଦୁ ଧର୍ମର ମୂଳ ଆଦର୍ଶ ଅନୁରୂପ ନୁହେଁ । ତାହାପରେ ସନ୍ଥମାନେ ଅନୁସୂଚିତ ସମାଜର ବସ୍ତିକୁ ଯିବା ଆରମ୍ଭ କଲେ । ଏହି ବିଷୟରେ ଅଧ୍ୟୟନ ଏବଂ ବିଚାର ବିମର୍ଶକୁ ମଧ୍ୟ ଆଗକୁ ବଢ଼ାଗଲା । ୯ ନଭେମ୍ବର ୧୯୮୯ରେ ଅଯୋଧ୍ୟାରେ ରାମ ଜନ୍ମଭୂମି ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନୁସୂଚିତ ସମାଜର ଶ୍ରୀ କାମେଶ୍ୱର ଚୌପାଲଙ୍କ ଭୂମିକା ଏହି ବ୍ୟାପକ ସାମାଜିକ ସମରସତାର ସନ୍ଦେଶ ସହିତ ଯୋଡ଼ିହୋଇ ଥିଲା । ସେଠାରେ ଅନେକ ପୂଜ୍ୟ ସନ୍ଥ ଏବଂ ଧର୍ମାଚାର୍ଯ୍ୟ ଉପସ୍ଥିତ ଥିଲେ । ସେହିପରି ବାରାଣସୀରେ ଡୋମ୍ ରାଜାଙ୍କ ଘରେ ପୂଜ୍ୟ ସନ୍ଥମାନେ ଭୋଜନ କରିବା ମଧ୍ୟ ସାମାଜିକ ସମରସତା ସନ୍ଦେଶର ଏକ ମହତ୍ତ୍ୱପୂର୍ଣ୍ଣ ଉଦାହରଣ ପାଲଟିଥିଲା । ଏହି ପ୍ରୟାସଗୁଡ଼ିକ ଦ୍ୱାରା ସମାଜରେ ଏଭଳି ବିଶ୍ୱାସ ଦୃଢ଼ୀଭୂତ ହେଲା ଯେ ସାମାଜିକ ଭେଦଭାବ ସମାପ୍ତ କରି ସମରସ ହିନ୍ଦୁ ସମାଜର ନିର୍ମାଣ କରାଯାଇପାରେ । ରାମ ଜନ୍ମଭୂମି ଆନ୍ଦୋଳନ ଏବଂ ଅଶୋକଜୀ ରାମ ଜନ୍ମଭୂମି ଆନ୍ଦୋଳନ ଆଧୁନିକ ଭାରତର ସବୁଠାରୁ ବ୍ୟାପକ ସାମାଜିକ-ଧାର୍ମିକ ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଅନ୍ୟତମ ଥିଲା ।

# ଶବ୍ଦାସୁର ଦମନ

ଆଶା କରାଯାଏ, ଆଗାମୀ ଦଶହରା ସମୟରେ ମା' ଦୁର୍ଗା ଦୁଷ୍ଟ ମହିଷାସୁରଙ୍କୁ ମର୍ଦ୍ଦନ କରିବାରେ ପ୍ରବୃତ୍ତ ଥିବାବେଳେ, କମିସନରେଟ୍ ପୁଲିସ ସତତ ସଜାଗ ରହି ଶବ୍ଦାସୁରକୁ ଦମନ କରିବାରେ ସଫଳ ହେବ ଏବଂ ଏହା କେବଳ ରାଜଧାନୀରେ ସୀମିତ ନ ରହି ସାରା ରାଜ୍ୟରେ ଅନୁସୃତ ହେବ । ଅଦ୍ୱୈତ ବେଦାନ୍ତର ମାୟାବାଦ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ଊନବିଂଶ ଶତାବ୍ଦୀର ମହାନ ଜର୍ମାନ୍ ଦାର୍ଶନିକ ଆର୍ଥର୍ ସୋପେନ୍‌ହାଉଅର୍ କିନ୍ତୁ ଗୋଟିଏ ମାୟା ପାଖରେ ଆତ୍ମସମର୍ପଣ କରିଥିଲେ: ସଙ୍ଗୀତ । ଏହା ସୁବିଦିତ ଯେ ନିଉଟନ୍‌ଙ୍କର 'ଗତିର ତୃତୀୟ ନିୟମ' ('ଥାର୍ଡ ଲ ଅଫ ମୋସନ୍') ଅନୁସାରେ ପ୍ରତ୍ୟେକ କ୍ରିୟାର ଏକ ସମାନ ଓ ବିପରୀତ ପ୍ରତିକ୍ରିୟା ରହିଥିବା ଭଳି ଜଣେ ବ୍ୟକ୍ତି ପାଇଁ ତା'ର ପ୍ରତ୍ୟେକ ଆକର୍ଷଣ ସହିତ ତୁଳନୀୟ ଏକ ସମାନ ଓ ବିପରୀତ ବିକର୍ଷଣ ରହିଥାଏ । ଉଦାହରଣ ସ୍ୱରୂପ ଜଣେ ନିୟମାନୁବର୍ତ୍ତୀ ବ୍ୟକ୍ତିଙ୍କ ପାଇଁ ଶୃଙ୍ଖଳା ଯେତିକି ଆକର୍ଷଣ ସୃଷ୍ଟି କରିଥାଏ, ବିଶୃଙ୍ଖଳା ଠିକ୍ ସେତିକି ବିକର୍ଷଣ ସୃଷ୍ଟି କରିଥାଏ; ଜଣେ ସତ୍ୟବାଦୀଙ୍କୁ ସତ୍ୟ ଯେତିକି ଆକର୍ଷିତ କରିଥାଏ ମିଥ୍ୟା ସେତିକି ବିକର୍ଷିତ କରିଥାଏ । ସଙ୍ଗୀତ ପ୍ରତି ସୋପେନ୍‌ହାଉଅରଙ୍କର ଗଭୀର ଅନୁରକ୍ତି ସ୍ୱାଭାବିକ ଭାବରେ ଏଇ ନିୟମ ଦ୍ୱାରା ପ୍ରଭାବିତ ହୋଇଥିଲା । ସଙ୍ଗୀତ ହେଉଛି ଶୃଙ୍ଖଳିତ, ସଂଯତ ଧ୍ୱନି; ଯାହାର ସଂପୂର୍ଣ୍ଣ ବିପରୀତ ହେଉଛି ବିଶୃଙ୍ଖଳିତ, ଅସଂଯତ ଧ୍ୱନି ବା କୋଳାହଳ ବା ଇଂରେଜୀରେ- 'ନଏଜ୍' । ସଙ୍ଗୀତ ସୋପେନ୍‌ହାଉଅରଙ୍କ ଠାରେ ଯେଉଁଭଳି ଅନିର୍ବଚନୀୟ ଅନୁରାଗ ସୃଷ୍ଟି କରୁଥିଲା, ତାହାର ବିପରୀତ କୋଳାହଳ ବା 'ନଏଜ୍' ସେଇଭଳି ତାଙ୍କଠାରେ ଅକଥନୀୟ ବିରାଗ ସୃଷ୍ଟି କରୁଥିଲା । ତାଙ୍କର 'ଅନ୍ ଡିନ୍ ଆଣ୍ଡ୍ ନଏଜ୍' ଶୀର୍ଷକ ପ୍ରବନ୍ଧରେ ସୋପେନ୍‌ହାଉଅର୍ ଲେଖିଥିଲେ 'ନଏଜ୍' ''ମସ୍ତିଷ୍କକୁ ପଙ୍ଗୁ କରିଦିଏ, ଚିନ୍ତନର ଖିଅକୁ ଖିନ୍ନଭିନ୍ନ କରିଦିଏ, ସମସ୍ତ ଧ୍ୟାନକୁ ହତ୍ୟା କରିଥାଏ ।'' ସୋପେନ୍ ହାଉଅରଙ୍କ ପାଇଁ କୋଳାହଳ କେବଳ ଏକ ବିରକ୍ତିର ଉତ୍ସ ନ ଥିଲା; ତାଙ୍କ ପାଇଁ ଏହା ଥିଲା ଚରିତ୍ରର ଅନ୍ୟତମ ପରିମାପକ- ଏକ ବ୍ୟାରୋମିଟର । ସେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ଜଣକର କୋଳାହଳ ସହନ କ୍ଷମତା ଓ ତା'ର ବୁଦ୍ଧିମତ୍ତା ସ୍ତର ମଧ୍ୟରେ ସଂପର୍କ ହେଉଛି ବ୍ୟୁତ୍କ୍ରମାନୁପାତୀ ବା ଓଲଟା-ଆନୁପାତିକ । ଅର୍ଥାତ୍ ନିର୍ବୋଧମାନେ ହିଁ ଶବ୍ଦ ପ୍ରଦୂଷଣରୁ ଆନନ୍ଦ ଲାଭ କରିଥାନ୍ତି, ବୁଦ୍ଧିମାନ ବ୍ୟକ୍ତିମାନେ ଶବ୍ଦ ପ୍ରଦୂଷଣ ସହ୍ୟ କରିପାରି ନଥାନ୍ତି । ଅନେକ ସମୟରେ ଦାର୍ଶନିକମାନେ ସେମାନଙ୍କ ଅନ୍ତର୍ଦୃଷ୍ଟି ବଳରେ ଯାହା ଆବିଷ୍କାର କରିଥାନ୍ତି, ପରବର୍ତ୍ତୀ ସମୟରେ ବୈଜ୍ଞାନିକମାନଙ୍କ ଦ୍ୱାରା ପରୀକ୍ଷାଗାରରେ ତାହା ସତ୍ୟ ସାବ୍ୟସ୍ତ ହୋଇଥାଏ (ଯେମିତି ଊନବିଂଶ ଶତାବ୍ଦୀରେ ପଦାର୍ଥବିଜ୍ଞାନୀ ଜନ୍ ଡାଲ୍‌ଟନ ତାଙ୍କର ଗବେଷଣାଗାରରେ ପରମାଣୁର ଆବିଷ୍କାର କରିବାର ଦୁଇ ହଜାର ବର୍ଷରୁ ଅଧିକ କାଳ ପୂର୍ବରୁ ବୈଶେଷିକ ଦର୍ଶନର ପ୍ରବର୍ତ୍ତକ ମହର୍ଷି କଣାଦ ନିଜର ଅନ୍ତର୍ଦୃଷ୍ଟି ବଳରେ ଏହାର ଉପସ୍ଥିତି ସମ୍ବନ୍ଧରେ ଅବଗତ ହୋଇ ତାହାକୁ ନିଜର ତତ୍ତ୍ୱର ମୂଳାଧାରରେ ପରିଣତ କରିଥିଲେ) । ସେଇ ଧାରାର ଅଂଶସ୍ୱରୂପ ସାଂପ୍ରତିକ ସମୟରେ ଶବ୍ଦ ପ୍ରଦୂଷଣ ସମ୍ବନ୍ଧରେ ବୈଜ୍ଞାନିକମାନେ କରିଥିବା ଗବେଷଣାମାନଙ୍କରୁ ଉପଲବ୍ଧ ଫଳାଫଳ ସୋପେନ୍‌ହାଉଅରଙ୍କର ଅନ୍ତର୍ଦୃଷ୍ଟିପ୍ରସୂତ ଉପରୋକ୍ତ ଆଶଙ୍କା ସବୁକୁ ସତ୍ୟ ସାବ୍ୟସ୍ତ କରିଥାଏ । ଉଦାହରଣ ସ୍ୱରୂପ ମର୍ଯ୍ୟାଦାଜନକ ଚିକିତ୍ସାବିଜ୍ଞାନ ପତ୍ରିକା 'ସଦର୍ନ ମେଡିକାଲ ଜର୍ନାଲ୍'ରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଅନୁସାରେ ଶବ୍ଦ ପ୍ରଦୂଷଣ ଯୋଗୁଁ ''ଉଦ୍‌ବେଗ, ମାନସିକ ଚାପ, ସ୍ନାୟବିକ ଅସ୍ଥିରତା, ବାନ୍ତି ଭାବ, ମୁଣ୍ଡବିନ୍ଧା, ଆବେଗିକ ଅସ୍ଥିରତା, ତର୍କ ପ୍ରବଣତା, ଯୌନ ଦୌର୍ବଲ୍ୟ, ଚିଡ଼ଚିଡ଼ାପଣ, ସାମାଜିକ ବିବାଦରେ ବୃଦ୍ଧି, ସ୍ନାୟୁ ଦୋଷ, ଉନ୍ମାଦ ଅବସ୍ଥା ଓ ମସ୍ତିଷ୍କ ବିକୃତି'' ଆଦି ସୃଷ୍ଟି ହୋଇଥାଏ । ଅନ୍ୟ ଏକ ଗବେଷଣା ରିପୋର୍ଟ ଅନୁସାରେ ଗଭୀର ନିଦ୍ରା ମଧ୍ୟ ଉଚ୍ଚ ଶବ୍ଦ ଯୋଗୁଁ ସୃଷ୍ଟି ହେଉଥିବା ଶବ୍ଦ ତରଙ୍ଗ ଆଘାତଜନିତ କ୍ଷତିରୁ ମନୁଷ୍ୟକୁ ସୁରକ୍ଷା ପ୍ରଦାନ କରିପାରି ନ ଥାଏ: ନିଦ୍ରିତ ଅବସ୍ଥାରେ ମଧ୍ୟ ଏଥିଯୋଗୁଁ ରକ୍ତଚାପରେ ବୃଦ୍ଧି ଘଟିଥାଏ, ହୃତ୍‌ସ୍ପନ୍ଦନ ଦ୍ରୁତତର ହୋଇଥାଏ, ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ୍ ସବୁର କ୍ଷରଣ ଘଟିଥାଏ । କିନ୍ତୁ ଦାର୍ଶନିକ ଓ ବୈଜ୍ଞାନିକମାନଙ୍କର ଏହି ଆବିଷ୍କାର ମନୁଷ୍ୟକୁ ବିଭିନ୍ନ ପ୍ରକାର କ୍ଷତିକାରକ ଶବ୍ଦ ପ୍ରଦୂଷଣ ସୃଷ୍ଟିରୁ ନିବୃତ୍ତ କରିପାରିନାହିଁ, କାରଣ ଈଶ୍ୱର ସୃଷ୍ଟ ଜୀବଜଗତରେ ମନୁଷ୍ୟ ହେଉଛି ଏକମାତ୍ର ପ୍ରାଣୀ ଯାହାଠାରେ ଏକ ଶକ୍ତିଶାଳୀ ଆତ୍ମଘାତୀ ପ୍ରବୃତ୍ତି ପରିଲକ୍ଷିତ ହୋଇଥାଏ । ଆଉ ସଂପ୍ରତି ମନୁଷ୍ୟର ଏଇ ପ୍ରବୃତ୍ତିର ଏକ ଭୟାନକ ପରିପ୍ରକାଶ ଘଟିଚାଲିଛି ଯେଉଁ ଏକ ଅପେକ୍ଷାକୃତ ନୂତନ ପ୍ରବିଧି ମାଧ୍ୟମରେ, ତାହା ହେଉଛି- ଡିଜେ କନ୍‌ସୋଲ୍ । ଏଇ ଶବ୍ଦ-ଅସୁରର ଆବିର୍ଭାବ ପରେ ପୂର୍ବ ସମୟର ଖଳନାୟକ ଲାଉଡ୍ ସ୍ପିକର୍ ବର୍ତ୍ତମାନ ଏକ କ୍ଷୀଣ ସ୍ୱରବିଶିଷ୍ଟ ଯନ୍ତ୍ର ପରି ପ୍ରତୀୟମାନ ହେଉଛି; ଏଇ ନୂତନ ସାଧନ ଏକ ସାମରିକ କମାଣ ବାହିନୀର ରୂପ ପରିଗ୍ରହଣ କରିଛି । ଏହି ପ୍ରାବିଧିକ ବିପ୍ଳବ ଆମର ପରିଚିତ ସ୍ୱାଭାବିକ ଦୁନିଆକୁ ଓଲଟାଇ ଦେଇଛି କହିଲେ ଭୁଲ୍ ହେବ ନାହିଁ । ଉତ୍ସବ ପାଳନରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ଶବ୍ଦ ଉପଲବ୍ଧ କରିବା ନିମିତ୍ତ ଉଦ୍ଭାବିତ ଏକ ଯନ୍ତ୍ର ଏଇ ବିକଟାଳ ଶବ୍ଦକୁ ଜବରଦସ୍ତ ଅଗଣିତ ଅନ୍ୟମାନଙ୍କ ଉପରେ ଲଦି ଦେଇଥାଏ, ଯେଉଁମାନେ ସେଥିପାଇଁ ଆଦୌ ସମ୍ମତି ପ୍ରଦାନ କରି ନଥାନ୍ତି । ଏଠାରେ ପ୍ରଶ୍ନ ନୁହେଁ: ନାଗରିକମାନଙ୍କର କୌଣସି ଉତ୍ସବ ପାଳନ ପାଇଁ ଅଧିକାର ଅଛି ନା ନାହିଁ ? ଏଠାରେ ଯେଉଁ ପ୍ରଶ୍ନ ହେଉଛି ପ୍ରାସଙ୍ଗିକ, ତାହା ହେଲା: କୌଣସି ଉତ୍ସବ ପାଳନ କ'ଣ ପାଳନକାରୀମାନଙ୍କୁ ଅନ୍ୟମାନଙ୍କର କର୍ଣ୍ଣ କୁହରରୁ ଆରମ୍ଭ କରି ସେମାନଙ୍କର ଶୟନ କକ୍ଷ, ଶ୍ରେଣୀଗୃହ, ଓ ସ୍ନାୟୁଗ୍ରନ୍ଥି ଆଦିକୁ ଜବରଦଖଲ କରିବାକୁ କ୍ଷମତା ପ୍ରଦାନ କରିଥାଏ ? ଏବେ ତ ଡିଜେ ଦାନବ ହିମାଳୟ କୋଳରେ ଅବସ୍ଥିତ ନୈସର୍ଗିକ ଶାନ୍ତିର ପୀଠ ବଦ୍ରୀନାଥ ଧାମରେ ଅନୁପ୍ରବେଶ କରି ସେଠାରେ ଅଗଣିତ ଭକ୍ତମାନଙ୍କର ତପସ୍ୟା ଭଙ୍ଗ କରିବା ଦେଖାଗଲାଣି, ଯେମିତି ପୁରାକାଳରେ ରାକ୍ଷସମାନେ ମୁନିଋଷିମାନଙ୍କ ସହିତ କରୁଥିଲେ । ଏହା ସୃଷ୍ଟି କରିଥିବା ତୀବ୍ର ପ୍ରତିକ୍ରିୟା ଏ ପର୍ଯ୍ୟନ୍ତ ଥମି ନାହିଁ । ଉପରୋକ୍ତ ପ୍ରଶ୍ନର ଉତର ଯେ ହେଉଛି ଏକ ଜୋରଦାର 'ନା', ଏଥିରେ କେ ?ଣସି ସନ୍ଦେହ ନାହିଁ । କିନ୍ତୁ କୌଣସି ପର୍ବପର୍ବାଣିର ଆଗମନ ସହିତ ଏଭଳି ଜବରଦଖଲର ଏପରି ଅବାଧ ପ୍ରସାର ଘଟିବା ଦେଖାଯାଇଥାଏ, ଯାହାକୁ ଦେଖି ମନେ ହୋଇଥାଏ ସତେ ଯେମିତି ଆମେ ସମସ୍ତେ ଏକ ନିର୍ଦ୍ଦୟ ଶବ୍ଦ-ଅସୁର ଶାସିତ ରାଜ୍ୟରେ ବାସ କରୁଛୁ, ଯେଉଁଠି ଏହା ହିଁ ହେଉଛି ସ୍ୱାଭାବିକ ଓ ଏହା ବିରୁଦ୍ଧରେ ପ୍ରତିବାଦ କରିବା ହେଉଛି ଅସ୍ୱାଭାବିକ । ଏହାର ଏକ ତାଜା ଜାତୀୟ ସ୍ତରରେ ଚହଳ ସୃଷ୍ଟିକାରୀ ଉଦାହରଣ ଦେଖିବାକୁ ମିଳିଥିଲା ସଦ୍ୟସମାପ୍ତ ଘୋର କୋଳାହଳମୟ ଗଣପତି ମହୋତ୍ସବ ପାଳନ ସମୟରେ ମହାରାଷ୍ଟ୍ରର ପୁନା ସହରରେ । ସେଠାରେ ବିଦ୍ୟାନନ୍ଦ ବାପଟ ନାମକ ଜଣେ ସାହସୀ ସଭ୍ୟ ଯୁବକ ଏଇ ଉତ୍ସବ ପାଳନର ଅଂଶସ୍ୱରୂପ ଅନୁଷ୍ଠିତ ଏକ ସମାଗମରେ ଭାଷଣ ଦେବା ଅବସରରେ ଘୋଷଣା କରିଥିଲେ ଯେ କୌଣସି ଉତ୍ସବ ପାଳନର ଲକ୍ଷ୍ୟ ହେବା ଉଚିତ ଆନନ୍ଦ ସୃଷ୍ଟି; ଶବ୍ଦ ପ୍ରଦୂଷଣ ଦ୍ୱାରା ଯନ୍ତ୍ରଣା ଓ ଦୁଃଖ ସୃଷ୍ଟି ନୁହେଁ । ଏହାର ପ୍ରତିକ୍ରିୟାରେ ସେଇ ଗଣେଶୋତ୍ସବର ଆୟୋଜକମାନେ ବିଦ୍ୟାନନ୍ଦଙ୍କ ଉପରେ ଘାତକ ଆକ୍ରମଣ ଆରମ୍ଭ କରିଦେବା ପରେ ମହାରାଷ୍ଟ୍ର ସରକାର ତାଙ୍କୁ ଚବିଶଘଣ୍ଟିଆ ପୁଲିସ ସୁରକ୍ଷା ପ୍ରଦାନ କରିଥିଲେ । କହିବା ବାହୁଲ୍ୟ, ଏଇ ଶବ୍ଦାସୁରକୁ ନିୟନ୍ତ୍ରଣ କରିବା ପାଇଁ ଦେଶରେ ଅସୁମାରି ଆଇନ ଓ ଅଦାଲତୀ ନିର୍ଦ୍ଦେଶମାନ ଉପଲବ୍ଧ ଥିଲେ ହେଁ ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବରୁ ତାହା ପ୍ରାୟ କେବେହେଲେ କାର୍ଯ୍ୟକାରୀ ହୋଇ ନ ଥାଏ । ଏଇ ପରିପ୍ରେକ୍ଷୀରେ ତେଣୁ ଆସନ୍ତା ଦୁର୍ଗାପୂଜା ସମୟରେ ଡିଜେ ବଜାଇବା ଉପରେ ସଂପୂର୍ଣ୍ଣ ନିଷେଧାଦେଶ ଲାଗୁ କରିବା ପାଇଁ ଭୁବନେଶ୍ୱର କମିସନରେଟ୍ ପୁଲିସ ଘୋଷଣା କରିଥିବା ନିଷ୍ପତ୍ତିକୁ ଯେତେ ପ୍ରଶଂସା କଲେ ମଧ୍ୟ ତାହା ଯଥେଷ୍ଟ ହେବ ନାହିଁ । ଏହା ଅକୁଣ୍ଠିତ ଭାବରେ ସ୍ୱୀକାର କରିବାକୁ ହେବ ଯେ ସୋପେନ୍‌ହାଉଅରଙ୍କ ମାପକାଠି ଅନୁସାରେ ଏହା ଦ୍ୱାରା କମିସନରେଟ୍ ପୁଲିସ ନିଜକୁ ଏକ ଉଚ୍ଚ ବୁଦ୍ଧିମତ୍ତାର ଅଧିକାରୀ ରୂପେ ପ୍ରମାଣିତ କରିଛି । ଆଶା କରାଯାଏ, ଆଗାମୀ ଦଶହରା ସମୟରେ ମା' ଦୁର୍ଗା ଦୁଷ୍ଟ ମହିଷାସୁରଙ୍କୁ ମର୍ଦ୍ଦନ କରିବାରେ ପ୍ରବୃତ୍ତ ଥିବାବେଳେ, କମିସନରେଟ୍ ପୁଲିସ ସତତ ସଜାଗ ରହି ଶବ୍ଦାସୁରକୁ ଦମନ କରିବାରେ ସଫଳ ହେବ ଏବଂ ଏହା କେବଳ ରାଜଧାନୀରେ ସୀମିତ ନ ରହି ସାରା ରାଜ୍ୟରେ ଅନୁସୃତ ହେବ ।

# ନରସଂହାର !

ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ବହୁ ପ୍ରଚାରିତ ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନାମାନଙ୍କର ଉପସ୍ଥିତି ସତ୍ତ୍ୱେ ଭାରତରେ ରୋଗୀମାନଙ୍କୁ ତଥାପି ଚିକିତ୍ସା ବ୍ୟୟର ହାରାହାରି ୪୩ ଶତାଂଶ ନିଜ ପକେଟ୍ ?ରୁ ବହନ କରିବାକୁ ପଡ଼ିଥାଏ ('ଆଉଟ୍ ଅଫ ପକେଟ୍ ଏକ୍ ?ସପେଣ୍ଡିଚର'), ଯାହା ହେଉଛି ପୃଥିବୀରେ ପରିଦୃଷ୍ଟ ସର୍ବୋଚ୍ଚ ଅନୁପାତ ଶ୍ରେଣୀଭୁକ୍ତ । ସୁପ୍ରିମ୍ କୋର୍ଟଙ୍କ ବିଚାରରେ ଭାରତରେ ଅନୁସୃତ ଔଷଧ ଦର ନିର୍ଦ୍ଧାରଣ ନୀତି (ଯାହାକୁ ଅର୍ଥଶାସ୍ତ୍ରରେ 'ପ୍ରାଇସ ଗାଉଜିଙ୍ଗ' ବୋଲି କୁହାଯାଇଥାଏ) ହେଉଛି ଏଥିପାଇଁ ବହୁଳାଂଶରେ ଦାୟୀ । ଏକ ଜନମଙ୍ଗଳ ରାଷ୍ଟ୍ରରେ ତୁରନ୍ତ ଏଭଳି 'ନରସଂହାରକାରୀ' ନୀତିରେ ଅନ୍ତ ଘଟାଇବା ହେଉଛି ସରକାରଙ୍କର ମୌଳିକ ଦାୟିତ୍ୱ । ''ଶରୀରଂ ବ୍ୟାଧି ମନ୍ଦିରମ୍ ।'' ମନୁଷ୍ୟର ଶରୀର ହେଉଛି ରୋଗର ମନ୍ଦିର । ଦେହ ଅଛି ତ ରୋଗ ଅଛି । ମନୁଷ୍ୟ ଯେଉଁସବୁ କର୍ମ କରିବା ପାଇଁ ଜନ୍ମ ହୋଇଥାଏ, ଏକ ରୋଗଗ୍ରସ୍ତ ଶରୀର ସେ ସବୁର ସଂପାଦନରେ ପ୍ରତିବନ୍ଧକ ସାଜିଥାଏ । ତେଣୁ ମହାକବି କାଳିଦାସ ତାଙ୍କର ମହାକାବ୍ୟ 'କୁମାର ସମ୍ଭବ'ର ପଚଂମ ସର୍ଗରେ କହିଥିବା ଭଳି: ''ଶରୀର ମାଦ୍ୟଂ ଖଳୁ ଧର୍ମସାଧନମ୍ ।'' ଅର୍ଥାତ୍ ନିଃସନ୍ଦେହରେ ଶରୀର ହେଉଛି ସମସ୍ତ ଧର୍ମ ପାଳନ ଅର୍ଥାତ୍ ସମସ୍ତ କର୍ତବ୍ୟ ସଂପାଦନର ସର୍ବପ୍ରଥମ ତଥା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସାଧନ । ତେଣୁ ଶରୀରକୁ ରୋଗମୁକ୍ତ ରଖିବା ହେଉଛି ମନୁଷ୍ୟର ସର୍ବପ୍ରଥମ ଦାୟିତ୍ୱ । କେବଳ ଏହା ନୁହେଁ, ରୋଗବ୍ୟାଧି ମଧ୍ୟ ମନୁଷ୍ୟର ଜୀବନକୁ ଯନ୍ତ୍ରଣାଜର୍ଜରିତ କରିଥାନ୍ତି । ସେଥିପାଇଁ ଏକ ସୁସ୍ଥ ଜୀବନକୁ ମନୁଷ୍ୟର ସର୍ବଶ୍ରେଷ୍ଠ ସୌଭାଗ୍ୟ ରୂପେ ବିଚାର କରାଯାଇଥାଏ । ଯେ କୌଣସି ଜନମଙ୍ଗଳ ରାଷ୍ଟ୍ରର ମୌଳିକ ଦାୟିତ୍ୱ ତେଣୁ ହେଉଛି ଏହା ନିଶ୍ଚିତ କରିବା, ଯେପରି ପ୍ରତ୍ୟେକ ନାଗରିକଙ୍କ ପାଇଁ ସର୍ବଦା ଫଳପ୍ରଦ ସ୍ୱାସ୍ଥ୍ୟ ସେବା ସହଜରେ ଓ ସୁଲଭ ଭାବରେ ଉପଲବ୍ଧ ହୁଏ । ଏଭଳି ସ୍ୱାସ୍ଥ୍ୟ ସେବାର ଯେଉଁ ଦୁଇଟି ଉପାଦାନ ହେଉଛି ସର୍ବପ୍ରଧାନ, ତାହା ହେଲେ- ଚିକିତ୍ସକ ଓ ଔଷଧ । କେବଳ ରୋଗୀର ସ୍ୱାସ୍ଥ୍ୟ ନୁହେଁ, ଅନେକ ସମୟରେ ତା'ର ଜୀବନ ମରଣ ତା' ପାଇଁ ଏ ଦୁଇ ନିର୍ଣ୍ଣାୟକ ଉପାଦାନ ଉପଲବ୍ଧ ହେବା ଉପରେ ନିର୍ଭର କରିଥାଏ । ଏଇ ପରିପ୍ରେକ୍ଷୀରେ ତେଣୁ ମଙ୍ଗଳବାର ଦିନ ଭାରତର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍ କୋର୍ଟ ଏଥିମଧ୍ୟରୁ ଗୋଟିଏ ଉପାଦାନ ସଂପର୍କରେ ଯେଉଁ ମନ୍ତବ୍ୟ ପ୍ରଦାନ କରିବା ଦେଖାଯାଇଛି, ତାହା ଆମମାନଙ୍କ ମନରେ ଘୋର ଭୀତି ସଚାର କରିଥାଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ବଜାରରେ କେତେକ ଜୀବନ ରକ୍ଷାକାରୀ ଔଷଧପତ୍ରର କୃତ୍ରିମ ଆକାଶଛୁଆଁ ଦର ନିର୍ଦ୍ଧାରଣକୁ ଲକ୍ଷ୍ୟ କରି ମାନ୍ୟବର ସର୍ବୋଚ୍ଚ ଅଦାଲତ ଏହାକୁ ଯାହା ବୋଲି ଅଭିହିତ କରିଛନ୍ତି, ତାହା ହେଲା: ''ନରସଂହାର !'' ଏଇ ଔଷଧପତ୍ରମାନଙ୍କର ଖାଉଟି ବିକ୍ରୟ ଦର ଓ ସେଗୁଡ଼ିକର ପ୍ରକୃତ ଉତ୍ପାଦନ ଓ ସଂଗ୍ରହ ଦର ମଧ୍ୟରେ ଥିବା ଆକାଶ-ପାତାଳ ତଫାତ୍‌କୁ ଲକ୍ଷ୍ୟ କରି ସୁପ୍ରିମ୍ କୋର୍ଟ ଏହାକୁ ''ସ୍ପଷ୍ଟ ଓ ସିଧାସଳଖ ନରସଂହାର'' ବୋଲି ବର୍ଣ୍ଣନା କରି କଟୁ ଭର୍ତ୍ସନା କରିଛନ୍ତି । ଏଇ ପ୍ରସଙ୍ଗରେ ସୁପ୍ରିମ୍ କୋର୍ଟ ଦେଶରେ ଅନୁସୃତ ଅସ୍ୱଚ୍ଛ ଓ ଆକାଶଛୁଆଁ ଔଷଧ ଦରଦାମ ନିର୍ଦ୍ଧାରଣ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ଯେ ଏହା ସାଧାରଣ ରୋଗୀମାନଙ୍କ ଉପରେ ଅସହ୍ୟ ବୋଝ ଲଦି ଦେଉଥିବାବେଳେ, ଘରୋଇ ହସ୍ପିଟାଲ ଓ ଅନ୍ୟମାନେ ଏହାଦ୍ୱାରା ପ୍ରଭୂତ ଭାବରେ ଲାଭବାନ ହେଉଛନ୍ତି । ଏହି ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ପ୍ରମାଣିତ କରିବା ପାଇଁ ଯେଉଁ ସମସ୍ତ ଉଦାହରଣ ଉଦ୍ଧାର କରାଯାଇଛି, ତାହା କେବଳ ଚିନ୍ତାଜନକ ନୁହେଁ, ତାହା ସାଧାରଣ ରୋଗୀମାନଙ୍କୁ ଭୀତତ୍ରସ୍ତ କରିଦେଇଥାଏ । ଏଇଭଳି ଏକ ଉଦାହରଣ ଅନୁସାରେ ଜଣେ କ୍ୟାନସର ପୀଡ଼ିତଙ୍କୁ ଯେଉଁ ଏକ ଜୀବନ ରକ୍ଷାକାରୀ ଔଷଧ କ୍ରୟ କରିବା ଲାଗି ୨୭,୦୦୦ ଛାପା ମୂଲ୍ୟ ଟଙ୍କା 'ଏମ୍‌ଆରପି' ଦେଇ ସର୍ବସ୍ୱାନ୍ତ ହେବାକୁ ପଡ଼ିଥାଏ, ତାହା ସଂପୃକ୍ତ ଔଷଧ ଦୋକାନୀଙ୍କୁ ମାତ୍ର ପ୍ରାୟ ୩,୦୦୦ ଟଙ୍କା ମୂଲ୍ୟରେ ଉପଲବ୍ଧ ହୋଇଥାଏ । ଏଇ ଉଦାହରଣ ପ୍ରଦାନ କରିବା ସମୟରେ ମାନ୍ୟବର ବିଚାରପତି ପ୍ରଶ୍ନ କରିଛନ୍ତି: ''ସଂଗ୍ରହ ମୂଲ୍ୟଠାରୁ ଦଶ ଗୁଣ ଅଧିକ ହୋଇଥିବା ଏଇ 'ଏମ୍‌ଆରପି'ରୁ ଆଦାୟ ହେଉଥିବା ବିପୁଳ ଅର୍ଥ କେଉଁଆଡ଼େ ଯାଇଥାଏ'' ଏଇ ଅବସରରେ ଉପସ୍ଥାପିତ ହୋଇଥିବା ଆଉ ଏକ ଉଦାହରଣ ଅନୁସାରେ ୨୨,୪୩୭ ଟଙ୍କା 'ଏମ୍‌ଆରପି' ବା ଛାପା ମୂଲ୍ୟ ବହନ କରୁଥିବା ଏକ ଇଞ୍ଜେକ୍‌ସନର ବିକ୍ରେତା ମୂଲ୍ୟ ହେଉଛି ମାତ୍ର ୩,୫୨୦ ଟଙ୍କା । ଏଇ ଶୁଣାଣି ସମୟରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ଏହା ମଧ୍ୟ ସୂଚାଇବାକୁ ଭୁଲି ନାହାନ୍ତି ଯେ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାକୁ ସର୍ବଦା ସେଇ ହସ୍ପିଟାଲ ଅନ୍ତର୍ଗତ ଔଷଧ ଦୋକାନରୁ ହିଁ ସମସ୍ତ ଔଷଧପତ୍ର କ୍ରୟ କରିବାକୁ ବାଧ୍ୟ କରାଯାଇଥାଏ । ଯେଉଁ ରୋଗୀମାନେ ଏହାକୁ ଅମାନ୍ୟ କରି ରିହାତି ମୂଲ୍ୟରେ ହସ୍ପିଟାଲ ବାହାରେ ଥିବା କୌଣସି ଦୋକାନରୁ ତାହା କ୍ରୟ କରନ୍ତି, ହସ୍ପିଟାଲ କର୍ତ୍ତୃପକ୍ଷ ତାହାକୁ ନକଲି ଔଷଧ ହୋଇପାରିଥାଏ ବୋଲି କହି ରୋଗୀଠାରେ ଆତଙ୍କ ସୃଷ୍ଟି କରିଥାନ୍ତି । ତେଣୁ ଅସହାୟ ରୋଗୀ ସେଇ ହସ୍ପିଟାଲ ପରିଚାଳିତ ଫାର୍ମାସିରୁ ହିଁ ଅଧିକ ମୂଲ୍ୟ ଦେଇ ଔଷଧ କ୍ରୟ କରିବାକୁ ବାଧ୍ୟ ହୋଇଥାନ୍ତି । ଏହା ଶୋଷଣ ନୁହେଁ ତ ଆଉ କ'ଣ ? ସରକାର ଔଷଧପତ୍ର ସବୁକୁ ଯେଉଁ 'ଅତ୍ୟାବଶ୍ୟକ' ଓ 'ଅଣ-ଅତ୍ୟାବଶ୍ୟକ' ('ଏସେନ୍‌ସିଆଲ' ଓ 'ନନ୍-ଏସେନ୍‌ସିଆଲ') ଶ୍ରେଣୀଭୁକ୍ତ କରି ଅନେକ ଔଷଧକୁ ଦର ନିୟନ୍ତ୍ରଣ ନିର୍ଦ୍ଦେଶାବଳୀ ('ଡ୍ରଗ୍‌ସ ପ୍ରାଇସେସ୍ କଣ୍ଟ୍ରୋଲ ଅର୍ଡର')ରୁ ବହିର୍ଭୂତ କରିଛନ୍ତି, ଅଦାଲତ ତାହାର ଯୌକ୍ତିକତାକୁ ମଧ୍ୟ ପ୍ରଶ୍ନ କରିଛନ୍ତି । ଏଥିପୂର୍ବରୁ ଗତ ସପ୍ତାହରେ କିଷନ୍‌ଚାନ୍ଦ ଜୈନ ଓ ଡକ୍ଟର ସଞ୍ଜୟ କୁଳଶ୍ରେଷ୍ଠଙ୍କ ଦ୍ୱାରା ଏ ସଂକ୍ରାନ୍ତରେ ଆଗତ ମାମଲାର ଶୁଣାଣି ଅବସରରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ଏ ବିଷୟରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ଯେ ଦେଶରେ ବିକ୍ରୟ ହେଉଥିବା ଔଷଧ ବ୍ରାଣ୍ଡ୍‌ମାନଙ୍କ ମଧ୍ୟରୁ ମାତ୍ର ୧୮ ଶତାଂଶ ଏଇ ଦର ନିୟନ୍ତ୍ରଣ ନିର୍ଦ୍ଦେଶାବଳୀରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଏବଂ ଯଦି ମୂଲ୍ୟ ଦୃଷ୍ଟିରୁ ଦେଖାଯାଏ, ତେବେ ସେଇ ଅନୁପାତ ହୋଇଥାଏ ୧୭ ଶତାଂଶ ମାତ୍ର । ଏକ ଦକ୍ଷିଣ ଭାରତୀୟ ସହରରେ କ୍ୟାନସର ଚିକିତ୍ସା ପାଇଁ ଅର୍ଥ ସଂଗ୍ରହ ଲାଗି କରାଯାଇଥିବା ସାର୍ବଜନୀନ ଆବେଦନମାନଙ୍କର ଅନୁଶୀଳନରୁ ଜଣାପଡ଼ିଛି ଯେ ତିନି ଜଣ ରୋଗୀ ଏଥିପାଇଁ ଯଥାକ୍ରମେ ୭ ଲକ୍ଷ, ୮ ଲକ୍ଷ ଓ ୧୬ ଲକ୍ଷ ଟଙ୍କା ଲେଖାଏଁ ଆବଶ୍ୟକ କରୁଥିଲେ । ଏହାକୁ ଦୃଷ୍ଟିରେ ରଖି ଅଦାଲତ ଘୋର ଚିନ୍ତା ପ୍ରକଟ କରିଥିଲେ ଯେ ଏଥିପାଇଁ ରୋଗୀର ପରିବାର ଗହଣାଗାଣ୍ଠି, ଘରଦ୍ୱାର ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ବହୁ ପ୍ରଚାରିତ ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନାମାନଙ୍କର ଉପସ୍ଥିତି ସତ୍ତ୍ୱେ ଭାରତରେ ରୋଗୀମାନଙ୍କୁ ତଥାପି ଚିକିତ୍ସା ବ୍ୟୟର ହାରାହାରି ୪୩ ଶତାଂଶ ନିଜ ପକେଟ୍ ?ରୁ ବହନ କରିବାକୁ ପଡ଼ିଥାଏ ('ଆଉଟ୍ ଅଫ ପକେଟ୍ ଏକ୍‌ସପେଣ୍ଡିଚର'), ଯାହା ହେଉଛି ପୃଥିବୀରେ ପରିଦୃଷ୍ଟ ସର୍ବୋଚ୍ଚ ଅନୁପାତ ଶ୍ରେଣୀଭୁକ୍ତ । ସୁପ୍ରିମ୍ କୋର୍ଟଙ୍କ ବିଚାରରେ ଭାରତରେ ଅନୁସୃତ ଔଷଧ ଦର ନିର୍ଦ୍ଧାରଣ ନୀତି (ଯାହାକୁ ଅର୍ଥଶାସ୍ତ୍ରରେ 'ପ୍ରାଇସ ଗାଉଜିଙ୍ଗ' ବୋଲି କୁହାଯାଇଥାଏ) ହେଉଛି ଏଥିପାଇଁ ବହୁଳାଂଶରେ ଦାୟୀ । ଏକ ଜନମଙ୍ଗଳ ରାଷ୍ଟ୍ରରେ ତୁରନ୍ତ ଏଭଳି 'ନରସଂହାରକାରୀ' ନୀତିରେ ଅନ୍ତ ଘଟାଇବା ହେଉଛି ସରକାରଙ୍କର ମେ ?ଳିକ ଦାୟିତ୍ୱ ।

# ନୋବେଲ ଚରିତ୍ର

ଇଥିଓପିଆ ଓ ଏରିଟ୍ରିଆ ମଧ୍ୟରେ ଚାଲି ଆସିଥିବା ସୀମା ବିବାଦ ଓ ଯୁଦ୍ଧର ଅବସାନ ଘଟାଇ ୨୦୧୯ ମସିହାରେ ଏହି ପୁରସ୍କାର ଜିଣିଥିଲେ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମଦ ଅଲି, ଯିଏ ସଂପ୍ରତି ବନ୍ଧୁକ ହସ୍ତେ ପୁଣି ଯୁଦ୍ଧରେ ବ୍ୟାପୃତ । ୨୦୦୬ ମସିହାରେ ଶାନ୍ତି ଲାଗି ନୋବେଲ ପୁରସ୍କାର ଲାଭ କରିଥିବା ବାଂଲାଦେଶୀ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ ଘଟଣାଚକ୍ରରେ ସଂପ୍ରତି ବାଂଲାଦେଶର ଅନ୍ତରୀଣ ଶାସନ ମୁଖ୍ୟ ଏବଂ ସଶସ୍ତ୍ର ଜେହାଦୀ ଗୋଷ୍ଠୀର ସମର୍ଥକ । କହିବାର ତାତ୍ପର୍ଯ୍ୟ ହେଲା ଶାନ୍ତି ପାଇଁ ଦିଆଯାଉଥିବା ନୋବେଲ ପୁରସ୍କାର ତାହାର ଅଧିକାରୀଙ୍କ ଆଦର୍ଶ ସ୍ଥାନୀୟ ଆଚରଣର ଗ୍ୟାରେଣ୍ଟି ହୋଇ ନ ଥାଏ । ଚଳିତ ବର୍ଷ ନୋବେଲ ଶାନ୍ତି ଲାଗି ନୋବେଲ ପୁରସ୍କାରର ଘୋଷଣାକୁ ଯେଉଁ ଭଳି ଆମୋଦ ଓ କୌତୂହଳ ବିଜଡ଼ିତ ଉତ୍କଣ୍ଠାର ସହିତ ଅପେକ୍ଷା କରାଯାଇଥିଲା, ସେମିତି ବୋଧହୁଏ ଏହି ପୁରସ୍କାରର ଇତିହାସରେ କଦାଚିତ୍ ଘଟିଥିବ ! ଏହାର କାରଣ ସୁବିଦିତ ଯେ ପୁରସ୍କାରଟିକୁ କୌଣସିମତେ ପାଇବା ସକାଶେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନିର୍ଲଜତାର ସୀମା ଅତିକ୍ରମକାରୀ ସଘନ ପ୍ରକାଶ୍ୟ କସରତ କରିଥିଲେ, ଯେଉଁଥି ଲାଗି ପ୍ରକୃତ ବିଜେତା କିଏ ହେବ, ତାହା ଦେଖିବା ଥିଲା ଏଭଳି ଉତ୍କଣ୍ଠାର ହେତୁ । ପରିଶେଷରେ ଭେନେଜୁଏଲାର ବିରୋଧୀ ରାଜନୈତିକ ଦଳର ନେତ୍ରୀ ମାରିଆ କୋରିନା ମାଚାଡୋଙ୍କ ନାମ ଘୋଷଣା ସହିତ ସେହି ଉତ୍କଣ୍ଠାର ଅନ୍ତ ଘଟିଛି । ନରୱେର ଅସ୍‌ଲୋସ୍ଥିତ ଶାନ୍ତି ଲାଗି ନୋବେଲ ପୁରସ୍କାର କମିଟି ପକ୍ଷରୁ କୁହାଯାଇଛି ଯେ ଏକ ନିପୀଡ଼ନକାରୀ ଏକଛତ୍ରବାଦୀ ସରକାର ବିରୋଧରେ ମାରିଆଙ୍କ ସାହସ, ଅକ୍ଲାନ୍ତ ସଂଗ୍ରାମ ଏବଂ ଶାନ୍ତି ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତିଷ୍ଠା ସକାଶେ ତାଙ୍କ ବିରଳ ଉଦ୍ୟମ ସକାଶେ ତାଙ୍କୁ ଚୟନ କରାଯାଇଛି । ଅବଶ୍ୟ, ଏହି ଆଲୋଚନା ପରିପ୍ରେକ୍ଷୀରେ କହିବାରେ ଦ୍ୱିଧା ନାହିଁ ଯେ ସର୍ବଶ୍ରେଷ୍ଠ ଭାବେ ଅଭିହିତ ଏହି ସମ୍ମାନର ଉଚ୍ଚ ଗରିମା ଏହାର କତିପୟ ବିଜେତାଙ୍କ ବିବାଦାସ୍ପଦ ପୃଷ୍ଠଭୂମି ଓ କିଛି ବିଜେତାଙ୍କ ସନ୍ଦିଗ୍ଧ କାର୍ଯ୍ୟକଳାପ ଦ୍ୱାରା ଅବକ୍ଷୟିଷ୍ଣୁ ହୋଇଛି । ଏଭଳି ସ୍ଥଳେ ଚଳିତ ବର୍ଷର ବିଜୟିନୀ ଏବଂ ପୁରସ୍କାର ଘୋଷଣା ପୂର୍ବରୁ ଦୃଷ୍ଟିଗୋଚର ହୋଇଥିବା ଟ୍ରମ୍ପୀୟ ତାମସା ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ଏଠାରେ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଉଠୁଥିବା ପ୍ରଥମ କଥା ହେଲା ଯଦି ଏହି ପୁରସ୍କାର ପ୍ରଦାନ ପଛରେ ପ୍ରଶ୍ନାତୀତ ନିଷ୍ପକ୍ଷତା, ବିବେଚନାବୋଧ ଓ ବିଚାର ରହିଥାଆନ୍ତା, ତେବେ ଏହାକୁ ପାଇବା ସକାଶେ ଟ୍ରମ୍ପ ଆପଣା ଶାନ୍ତିକାମୀ ଚରିତ୍ର ପ୍ରଦର୍ଶନ କରାଇବା ଲାଗି ହାସ୍ୟାସ୍ପଦ ବାହାସ୍ଫୋଟ (ଆଠଟି ଯୁଦ୍ଧ ବନ୍ଦ କରି ଦେଇଛନ୍ତି ବୋଲି) ମାରି ନ ଥାଆନ୍ତେ କି ବିଶାଳ 'ମେଡିଆ' ଆୟୋଜନ କରି ନ ଥାଆନ୍ତେ ବା ନରୱେ ଉପରେ ଉଚ୍ଚ ହାରରେ ଟାରିଫ ଲଗାଇବାର ଧମକ ଦେଇ ନ ଥାଆନ୍ତେ ଅଥବା ପ୍ରାୟ ଖୋଲାଖୋଲି ତାହାର ଭିକ୍ଷା କରି ନ ଥାଆନ୍ତେ ! ସେହି ଦୃଷ୍ଟିରୁ ନୋବେଲ କମିଟିର କାର୍ଯ୍ୟ ଏଥର ପ୍ରଶଂସନୀୟ ହୋଇଛି, କାରଣ ଅତ୍ୟନ୍ତ ପ୍ରାଞ୍ଜଳତାର ସହିତ କହି ଦିଆଯାଇଛି ଯେ ଏହି ପୁରସ୍କାର ଲାଭ କରିବା ସକାଶେ ଅସଂଖ୍ୟ ସୁପାରିସ ଆସୁଥିବା ସତ୍ତ୍ୱେ ଯାହା ସର୍ବଦା ଅବିଭାଜ୍ୟ ମପେକାଠି ହୋଇ ରହିଛି, ତାହା ହେଲା ଶାନ୍ତି ପ୍ରତିଷ୍ଠା ସକାଶେ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ପ୍ରଦର୍ଶନ କରୁଥିବା ବିରଳ ଶ୍ରେଣୀୟ ସାହସ ଏବଂ ଆଦର୍ଶଗତ ଐକାନ୍ତିକତା । କିନ୍ତୁ ଏହାର ବିପରୀତରେ ଗାଦିନସୀନ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଆଚରଣ ପ୍ରଦର୍ଶନ କରି ଆସିଥିଲେ, ତହିଁରେ ଅନ୍ତର୍ଭୁକ୍ତ ନରୱେ ଉପରେ ମାତ୍ରାତିରିକ୍ତ ଟାରିଫ ଆକ୍ରମଣର ଧମକ, ମାନବ କଲ୍ୟାଣକାରୀ ଉଦ୍ୟମ ଓ ଅନୁଷ୍ଠାନ ଯେମିତି କି 'ପ୍ୟାରିସ ଜଳବାୟୁ ଚୁକ୍ତି' ଏବଂ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ସହିତ ସଂପର୍କ ଛେଦନ, ସାମାନ୍ୟ ଶିଷ୍ଟାଚାର ବିବର୍ଜିତ ବ୍ୟକ୍ତିଙ୍କ ଭଳି ଆମେରିକା ଗସ୍ତ କରିଥିବା କେତେକ ରାଷ୍ଟ୍ରର ଶାସନମୁଖ୍ୟଙ୍କୁ ସର୍ବ ସମକ୍ଷରେ ଅପମାନ ପ୍ରଦାନ, ଗ୍ରିନଲାଣ୍ଡ ଓ କାନାଡାକୁ ଅଧିକାର କରି ଆମେରିକାର ଅଂଶୀଭୂତ କରିବାର ଆଗ୍ରହ ଏବଂ ବିଧ୍ୱସ୍ତ ଗାଜା ପଟିକୁ ଏକ ପର୍ଯ୍ୟଟକ ବିଳାସ ସ୍ଥଳୀ ଭାବେ ବିକଶିତ କରିବାର ଇଚ୍ଛା ଭଳି ଚିତ ବିଭ୍ରଂଶକର ବିବୃତି ପ୍ରଦାନ, ଯାହା ସ୍ୱାଭାବିକ ଭାବେ ତାଙ୍କୁ କୌଣସି ଶାନ୍ତି ପୁରସ୍କାର ଲାଗି ଯୋଗ୍ୟ କରନ୍ତା ନାହିଁ, ନୋବେଲ ପୁରସ୍କାର କଥା ଦୂରେ ଥାଉ । କେବଳ ସେତିକି ନୁହେଁ, ୨୦୨୧ ମସିହାରେ ଟ୍ରମ୍ପଙ୍କ ଡାକରାରେ ଶହ ଶହ ଉପଦ୍ରବକାରୀ ଆମେରିକାର ସଂସଦ ଗୃହ 'ଦ କ୍ୟାପିଟଲ ହିଲ୍'ରେ ପ୍ରବେଶ କରି ଦଙ୍ଗା ସୃଷ୍ଟି କରିଥିଲେ, ଯାହା ଆମେରିକାର ଇତିହାସରେ ଏକ କଳଙ୍କମୟ ପୃଷ୍ଠା ଯୋଡ଼ିଛି ଏବଂ ଗଲା ସେପଟେମ୍ବର ମାସରେ ଶାନ୍ତିର ଏହି କପୋତ ଆମେରିକାର ପ୍ରତିରକ୍ଷା ବିଭାଗର ନାମ ପରିବର୍ତ୍ତନ କରି ନୂଆ ନାମ ରଖିଛନ୍ତି 'ଦ ଡିପାର୍ଟମେଣ୍ଟ ଅଫ ୱାର' । ଏହା ସହିତ ଆଉ ଯାହା ମନେ ରହିବା ଉଚିତ, ତାହା ହେଲା ଗଲା ଫେବ୍ରୁଆରି ମାସରେ ରାଷ୍ଟ୍ରପତି ଭାବେ ସେ କାର୍ଯ୍ୟ ଆରମ୍ଭ କଲା ବେଳକୁ ଏହି ପୁରସ୍କାର ଲାଗି ପ୍ରାର୍ଥୀଙ୍କ ନାମ ତାଲିକା ଚୂଡ଼ାନ୍ତ ହୋଇ ସାରିଥିଲା । ତେଣୁ ଏବେ ଦ୍ୱିତୀୟ ପ୍ରଶ୍ନଟି ଉଠିଥାଏ ଯେ ତଥାପି କାହିଁକି ନୋବେଲ ପୁରସ୍କାର ପାଇବା ସକାଶେ ତାଙ୍କ ଆଶା ଶେଷ ପର୍ଯ୍ୟନ୍ତ ନିଷ୍ପ୍ରଭ ହୋଇ ନ ଥିଲା ? ଏହାର କାରଣ ରାଷ୍ଟ୍ରପତି ହେବାର ମାତ୍ର ୧୧ ଦିନ ମଧ୍ୟରେ ନାମ ତାଲିକା ଚୂଡ଼ାନ୍ତ ହୋଇସାରିଥିଲେ ହେଁ ବାରାକ ଓବାମାଙ୍କୁ ଏହି ପୁରସ୍କାର ମିଳିଛି; ରାଷ୍ଟ୍ରପତି ରୁଜଭେଲଟ ବା ଡିପ୍ଲୋମାଟ ଓ ମନ୍ତ୍ରୀ ହେନେରି କିସିଂଜରଙ୍କ ଭଳି ଏକାଧିକ ଯୁଦ୍ଧଖୋର ବ୍ୟକ୍ତି ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି; ୟାସେର ଆରାଫତଙ୍କ ଭଳି ସଶସ୍ତ୍ର ଉଗ୍ରବାଦୀ ମଧ୍ୟ ଏହି ପୁରସ୍କାରର ଅଧିକାରୀ ଏବଂ ଏଭଳି ଦୃଷ୍ଟାନ୍ତ ଅନେକ । ତେଣୁ ହୁଏତ ଏହା ସମ୍ଭବ ଯେ ଉଦ୍ୟମ ଜାରି ରଖିଲେ ଟ୍ରମ୍ପ ହୁଏତ ୨୦୨୬ ମସିହାରେ ଏହି ପୁରସ୍କାର ପାଇ ଯାଇପାରନ୍ତି !

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA , Pin :769003







# ୟୋନେକ୍ସ-ସନରାଇଜ୍ ସମ୍ବଲପୁର ଜିଲ୍ଲା ବ୍ୟାଡମିଂଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ




ସମ୍ବଲପୁର,୫/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ବ୍ୟାଡମିଂଟନ ସଂଘ ପକ୍ଷରୁ ଆୟୋଜିତ ୟୋନେକ୍ସ-ସନରାଇଜ୍ ସମ୍ବଲପୁର ଜିଲ୍ଲା ବ୍ୟାଡମିଂଟନ ଚାମ୍ପିୟନଶିପ୍ ବୁର୍ଲାସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟିପରପଜ୍ ଇଣ୍ଡୋର ଷ୍ଟାଡିୟମ୍‌ରେ ଉଦଯାପିତ ହୋଇଛି। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଏମ୍‌ସିଏଲ୍, ବୁର୍ଲାର ଜିଏମ୍ (ଅର୍ଥ) ସଞ୍ଜୟ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଖେଳାଳି ଦେବେନ୍ଦ୍ର ମିଶ୍ର, ଭିସୁଟ୍‌ର ସହକାରୀ ପ୍ରଫେସର ଡ. ପ୍ରିୟଦର୍ଶୀ ତାପସ ରଞ୍ଜନ ସ୍ୱାଇଁ, ମାନଭଞ୍ଜନ ପଣ୍ଡା, ଏମ୍‌ସିଏଲ୍ ଅଧିକାରୀ ସରୋଜ କୁମାର ସୋରେନ ଓ ନନ୍ଦ କିଶୋର, ସମ୍ବଲପୁର ଜିଲ୍ଲା ବ୍ୟାଡମିଂଟନ ସଂଘର ଉପସଭାପତି ପ୍ରବୀଣ ବେହେରା, ଟୁର୍ଣ୍ଣାମେଣ୍ଟ ମ୍ୟାଚ୍ ରେଫରି ଲକ୍ଷପତି ନନ୍ଦ, ସଂଯୋଜକ ଅଭିଷେକ ବିଶ୍ୱାସ ଓ ରାଜେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟସ୍ତରୀୟ ଅମ୍ପାୟାର ଟିକେଶ୍ୱର ସାହୁଙ୍କ ସଂଯୋଜନାରେ ହୋଇଥିବା ଉଦଯାପନୀ ସଭାରେ ଅତିଥିମାନେ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ କ୍ରୀଡ଼ାର ଗୁରୁତ୍ୱ ଉପରେ ମତ ରଖିଥିଲେ। ବିଜୟ ଓ ପରାଜୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି କହି, ବିଚଳିତ ନହୋଇ ଶୃଙ୍ଖଳାର ସହ କ୍ରୀଡ଼ାରେ ମନୋନିବେଶ କରିବାକୁ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ କୁଚିଣ୍ଡା, ହୀରାକୁଦ, ରେଢ଼ାଖୋଲ, ରେଙ୍ଗାଲି, ବୁର୍ଲା ଓ ସମ୍ବଲପୁରର ୨୩୨ ଜଣ ବାଳକ ଓ ବାଳିକା ଖେଳାଳି ଭାଗ ନେଇଥିଲେ। ୯, ୧୧, ୧୩, ୧୫, ୧୭ ଓ ୧୯ ବର୍ଷରୁ କମ୍ ବର୍ଗ ସହ ସିନିୟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବର୍ଗରେ ମୋଟ ୨୪ଟି ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ସିନିୟର ସିଙ୍ଗଲ୍ସରେ ଆରଣ୍ୟକ ଦାସ ଚାମ୍ପିୟନ ହୋଇଥିବା ବେଳେ ରେହାନ ପ୍ରଧାନ ରନର୍ସଅପ୍ ହୋଇଥିଲେ। ମହିଳା ସିନିୟର ସିଙ୍ଗଲ୍ସରେ ଲିଜୁନ ସ୍ୱାଇଁ ବିଜେତା ଏବଂ ସାନଭି ଗଥାନି ଉପବିଜେତା ହୋଇଥିଲେ। ପୁରୁଷ ଡବଲ୍ସରେ ତୌସିଫ ଖାନ ଓ ଲକ୍ଷ୍ମଣ ପ୍ରେମକିଷନ ଚାମ୍ପିୟନ ହୋଇଥିବା ବେଳେ ଆଶୁତୋଷ ସେଠୀ ଓ ଇ. ପ୍ରେମ କୁମାର ଉପବିଜେତା ହୋଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନଶିପ୍‌ରେ ଓଡ଼ିଶା ବ୍ୟାଡମିଂଟନ ସଂଘର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଟିକେଶ୍ୱର ସାହୁ, ସୌମିତ୍ରୀ ପ୍ରସାଦ ଦାସ, ବବୁଲୁ ସାହୁ, ମଣି ବେଜି, ହେମାନନ୍ଦ ଥପା, ସୂର୍ଯ୍ୟ ପାଣିଗ୍ରାହୀ, ନୀଳାଚଂଳ ସେଠୀ, ବବୁଲୁ ପ୍ରଧାନ, ସନ୍ଦୀପ ନାୟକ, ତପୁନ ସାହୁ ଓ ସ୍ୱରାଜ ସିଂ ଛୁରିଆ ମ୍ୟାଚ୍ ପରିଚାଳନା କରିଥିଲେ। ଶଶାଙ୍କ ଶେଖର ଜେନା, ସୁରଜ ପଟ୍ଟନାୟକ ଓ ପ୍ରଜ୍ୱଳିତ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ବାଦ୍ ପଡ଼ିଥିବା ଓ ପ୍ରଥମ ଥର ଯୁବ ଭୋଟରଙ୍କ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

ସମ୍ବଲପୁର,୫/୧୦(ନି/ପ୍ର): ଭାରତ ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ସମ୍ବଲପୁର ଜିଲ୍ଲାରେ ଏକ ବ୍ୟାପକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସ୍ୱତନ୍ତ୍ର ନିବିଡ଼ ସଂଶୋଧନ ପ୍ରକ୍ରିୟା ଶେଷ ହେବା ପରେ କୌଣସି ବି ଯୋଗ୍ୟ ନାଗରିକ, ବାଦ୍ ପଡ଼ିଥିବା ଭୋଟର କିମ୍ବା ନୂତନ ଯୁବ ଭୋଟର ଯେପରି ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଂଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ମୁଖ୍ୟ କାର୍ଯ୍ୟପନ୍ଥା ଓ ନିର୍ଦ୍ଦେଶାବଳୀ କ୍ରମେ ପୂର୍ବ ଭୋଟର ତାଲିକାର ପୁନଃ ସମୀକ୍ଷା। ସମ୍ବଲପୁର ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ରର ବୁଥ୍ ସ୍ତରୀୟ ଅଧିକାରୀ ମାନେ ବର୍ତ୍ତମାନର ଚୂଡ଼ାନ୍ତ ଭୋଟର ତାଲିକା ସହିତ ପୂର୍ବ ତାଲିକାର ତୁଳନା କରିବେ। ପୂର୍ବରୁ ନାମ ଥାଇ ବର୍ତ୍ତମାନ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ଘରକୁ ଘର ବୁଲି ସତ୍ୟାପନରେ ବିଏଲ୍‌ଓ ମାନେ ଚିହ୍ନଟ ହୋଇଥିବା ଭୋଟରଙ୍କ ଘରକୁ ଘର ବୁଲି ବର୍ତ୍ତମାନର ସ୍ଥିତି ଯାଂଚ କରିବେ। ପ୍ରତି ସପ୍ତାହରେ ଅତି କମରେ ୨୦-୨୫ ଜଣ ଭୋଟରଙ୍କୁ ସାମିଲ କରି ଏହି ପ୍ରକ୍ରିୟା ଗୋଟିଏ ମାସ ମଧ୍ୟରେ ଶେଷ କରାଯିବ। ଏହି ସମୟରେ ଯୋଗ୍ୟ ବ୍ୟକ୍ତି, ବାଦ୍ ପଡ଼ିଥିବା ଭୋଟର ଓ ନୂତନ ଯୁବ ଭୋଟରଙ୍କ ନାମ ଫର୍ମ-୬ ମାଧ୍ୟମରେ ପଞ୍ଜୀକରଣ କରାଯିବ। ବଂଚିତ ଓ ସୀମାନ୍ତବର୍ତ୍ତୀ ବର୍ଗଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନରେ ଶ୍ରମିକ ବସ୍ତି, ରାତ୍ରିକାଳୀନ ଆଶ୍ରୟସ୍ଥଳ, ବାସହୀନ ଏବଂ ଅବହେଳିତ, ସୀମାନ୍ତବର୍ତ୍ତୀ ବର୍ଗର ଲୋକଙ୍କ ନାମ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯିବ। ରାଜନୈତିକ ଦଳଗୁଡ଼ିକ ସହ ସହଯୋଗ ଓ ପାରଦର୍ଶିତାରେ ବିଏଲ୍‌ଓ ମାଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ବୁଥ୍ ଲେଭେଲ ଏଜେଂଟ ମାନଙ୍କ ସହ ସେୟାର କରାଯିବ। ସମ୍ପୂର୍ଣ୍ଣ ପାରଦର୍ଶିତା ପାଇଁ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନେ ଚୂଡ଼ାନ୍ତ ବୁଥ୍-ୱାରୀ ତାଲିକା ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କୁ ପ୍ରଦାନ କରିବେ।

# ସାହାସପୁର ସମେତ ମାନେଶ୍ୱର ବ୍ଲକର ବିଭିନ୍ନ ଗାଁରେ ପୁଅଜିଉଁତିଆ ଧୁମଧାମରେ ପୂଜାର୍ଚ୍ଚନା



ସମ୍ବଲପୁର,୫/୧୦(ନି/ପ୍ର): ପଶ୍ଚିମ ଓଡ଼ିଶାର ଏକ ନିଆରା ପାରମ୍ପରିକ ପର୍ବ ପୁଅଜିଉଁତିଆ ଶନିବାର ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକର ବିଭିନ୍ନ ଗ୍ରାମ ଓ ସାହିରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ସନ୍ତାନମାନଙ୍କର ଦୀର୍ଘାୟୁ, ସୁସ୍ଥତା ଓ ମଙ୍ଗଳ କାମନା କରି ବ୍ରତଧାରୀ ମହିଳାମାନେ ଏହି ପର୍ବ ପାଳନ କରିଥିଲେ। ଏହି ଅବସରରେ ସାହାସପୁର ଗ୍ରାମର ବିଭିନ୍ନ ପଡ଼ାରେ ମଧ୍ୟ ପାରମ୍ପରିକ ରୀତିନୀତି ଅନୁସାରେ ପୁଅଜିଉଁତିଆ ପୂଜା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ବ୍ରତଧାରୀ ମହିଳାମାନେ ଦଳବଦ୍ଧ ଭାବେ ପୋଖରୀକୁ ଯାଇ ଘାଟ ପୂଜା କରିଥିଲେ। ପରେ ରାତିରେ ନିଜ ନିଜ ସାହି ଓ ପଡ଼ାର ପୂଜା ମଣ୍ଡପରେ ଏକତ୍ରିତ ହୋଇ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ପୂଜା ମଣ୍ଡପରେ ପଣ୍ଡିତଙ୍କ ଦ୍ୱାରା ଦୁତିବାହନ ଗାଥା ପାଠ କରାଯାଇଥିଲା। ଏହି ସମୟରେ ମହିଳାମାନେ ଭକ୍ତି ଓ ନିଷ୍ଠାର ସହ ବ୍ରତ ପାଳନ କରିଥିଲେ। ପୂଜାର୍ଚ୍ଚନା ଶେଷରେ ଆରତୀ କରାଯାଇ ଉପସ୍ଥିତ ଭକ୍ତମାନଙ୍କୁ ପ୍ରସାଦ ବଂଟନ କରାଯାଇଥିଲା। ପର୍ବର ପରମ୍ପରା ଅନୁଯାୟୀ ରବିବାର ବ୍ରତଧାରୀ ମହିଳାମାନେ ନିଜ ନିଜ ସନ୍ତାନଙ୍କୁ ଧୂବ ଛୁଆଁଇବା କାର୍ଯ୍ୟକ୍ରମ ପାଳନ କରିଛନ୍ତି। ପୁଅଜିଉଁତିଆ ପର୍ବକୁ ନେଇ ଗ୍ରାମାଂଚଳରେ ଧାର୍ମିକ ପରିବେଶ ସୃଷ୍ଟି ହେବା ସହ ପାରମ୍ପରିକ ରୀତିନୀତି ଓ ଲୋକସଂସ୍କୃତିର ଝଲକ ଦେଖିବାକୁ ମିଳିଛି।

# ଆଇଆଇଏମ୍ ସମ୍ବଲପୁରର ୧୨ତମ ପ୍ରତିଷ୍ଠା ଦିବସ




ସମ୍ବଲପୁର,୫/୧୦(ନି/ପ୍ର): ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ (ଆଇଆଇଏମ୍) ସମ୍ବଲପୁର ଶନିବାର ନିଜର ୧୨ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ସଂସ୍ଥାନର ବାର୍ଷିକ ବିଜନେସ୍ କନକ୍ଲେଭ୍ 'ମର୍ମଜ୍ଞ'ର ୧୧ତମ ସଂସ୍କରଣ ମଧ୍ୟ ଆରମ୍ଭ ହୋଇଛି। ପ୍ରତିଷ୍ଠା ଦିବସର ଆଭିମୁଖ୍ୟ ଥିଲା—'ବି-ସ୍କୁଲଗୁଡ଼ିକର ସାମାଜିକ ପ୍ରଭାବ'। ଅକ୍ଟୋବର ୩ ଓ ୪ ତାରିଖରେ ଚାଲିବାକୁ ଥିବା 'ମର୍ମଜ୍ଞ ୧୧.୦'ର ବିଷୟବସ୍ତୁ ହେଉଛି—'ପରସ୍ପର ସହ ଜଡ଼ିତ ବିଶ୍ୱରେ ବ୍ୟବସାୟିକ ବ୍ୟାଘାତ ଓ ଅଶାନ୍ତି ମଧ୍ୟରେ ଆଗକୁ ବଢ଼ିବା'। କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜାୟସୱାଲ ଅଧ୍ୟକ୍ଷତା କରିଥିଲେ। ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଗକ୍ଟଝଚଓ)ର ସଚିବ ଡ. ସୌରଭ ଗର୍ଗ ମୁଖ୍ୟ ଅତିଥି ଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଉତରାଂଚଳ ଡିଆଇଜି ଚରଣ ସିଂ ମୀନା ଏବଂ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମରୁ ଯୋଗ ଦେଇଥିଲେ। ଶିକ୍ଷ ଜଗତରୁ ଆଇବିଏମ୍ ଅଷ୍ଟ୍ରେଲିଆର ମୀନାକ୍ଷୀ ପାଟିଲ, ଡେଲ୍ଟା କ୍ୟାପିଟା ଇଣ୍ଡିଆର ପଦ୍ମ ତନେଜା ଏବଂ ନିଭା ବୁପା ହେଲ୍ଥ ଇନସ୍ୟୁରାନ୍ସର ଡ. ଭବତୋଷ ମିଶ୍ରଙ୍କ ସମେତ ବିଭିନ୍ନ ସଂସ୍ଥାର ୨୧ ଜଣ ଶିଳ୍ପ ନେତା ଉପସ୍ଥିତ ଥିଲେ। ଏଗାର ବର୍ଷରେ ଏଗାରଟି ମାଇଲଖୁଂଟ ନିଜ ଅଭିଭାଷଣରେ ପ୍ରଫେସର ଜାୟସୱାଲ କହିଥିଲେ, ୨୦୧୫ରେ ୪୯ ଜଣ ଛାତ୍ରଛାତ୍ରୀ ଓ ଅସ୍ଥାୟୀ କ୍ୟାମ୍ପସରୁ ଆରମ୍ଭ ହୋଇଥିବା ଆଇଆଇଏମ୍ ସମ୍ବଲପୁର ଆଜି ୧,୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ଆଗକୁ ବଢ଼ିଛି। ସଂସ୍ଥାନରେ ୫ଟି ଏମ୍‌ବିଏ କାର୍ଯ୍ୟକ୍ରମ ଓ ଦଶଟି ଡିଗ୍ରୀ କାର୍ଯ୍ୟକ୍ରମ ଚାଲିଛି। ୧୭୫ରୁ ଅଧିକ ପିଏଚ୍‌ଡି ଗବେଷକ ଏଠାରେ ନାମ ଲେଖାଇଛନ୍ତି। ସେ 'ମାଷ୍ଟର ୱିଭର' କାର୍ଯ୍ୟକ୍ରମର ଉଲ୍ଲେଖ କରି କହିଥିଲେ ଯେ ଏହା ବିଜନେସ୍ ସ୍କୁଲ୍‌ର ପ୍ରଥମ ସମୁଦାୟ-ନେତୃତ୍ୱାଧୀନ ପ୍ରକଳ୍ପ। ଏହା ମାଧ୍ୟମରେ ୭୦ରୁ ଅଧିକ ବୁଣାକାରଙ୍କୁ ଡିଜିଟାଲ୍ ମାର୍କେଟିଂ ପ୍ଲାଟଫର୍ମରେ ଉଦ୍ୟୋଗୀ ଭାବେ ମାର୍ଗଦର୍ଶନ ଦିଆଯାଇଛି। ସମ୍ବଲପୁର ଓ ଆଖପାଖ ଅଂଚଳର ହସ୍ତତନ୍ତ ପରମ୍ପରାକୁ ଆଧାର କରି 'ୱିଭର ଭ୍ୟାଲି' ଗଠନ ପାଇଁ ସଂସ୍ଥାନ କାମ କରୁଛି। ଆଇଆଇଏମ୍ ସମ୍ବଲପୁର ଏଯାବତ୍ ୩୫ଟି ଷ୍ଟାର୍ଟ-ଅପ୍‌କୁ ଇନକ୍ୟୁବେଟ୍ କରିଛି। ଏହି କାର୍ଯ୍ୟକ୍ରମରେ ନଅଟି ଇନକ୍ୟୁବେଟେଡ୍ ଷ୍ଟାର୍ଟ-ଅପ୍‌କୁ ସିଡ୍ ଫଣ୍ଡିଂ ମିଳିଛି। ସଂସ୍ଥାନରେ 'ସେଂଟର ଫର ରେସପନ୍ସିବଲ୍ ବିଜନେସ୍' କାର୍ଯ୍ୟକ୍ଷମ ହୋଇଥିବା ବେଳେ, ଶୀଘ୍ର ଏଆଇ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ର ସ୍ଥାପନ ହେବ ବୋଲି ନିର୍ଦ୍ଦେଶକ ଘୋଷଣା କରିଥିଲେ। ସବୁଠାରୁ ଦୁର୍ବଳ ଶ୍ରେଣୀଙ୍କୁ ଆଗରେ ରଖିବାକୁ ଆହ୍ୱାନ: ମୁଖ୍ୟ ଅତିଥି ଡ. ସୌରଭ ଗର୍ଗ କହିଥିଲେ ଯେ ନୀତି ଓ ବ୍ୟବସାୟ—ଉଭୟ କ୍ଷେତ୍ରରେ ସମାଜର ସବୁଠାରୁ ଦୁର୍ବଳ ଶ୍ରେଣୀଙ୍କ ଆବଶ୍ୟକତାକୁ ଆଗରେ ରଖିବା ଉଚିତ। ମହାମାରୀ, ଦରଦାମ ବୃଦ୍ଧି କିମ୍ବା ଜଳବାୟୁ ସଙ୍କଟର ପ୍ରଭାବ ପ୍ରଥମେ ଗରିବ ପରିବାରଙ୍କ ଉପରେ ପଡ଼େ ଏବଂ ସେମାନେ ଏଥିରୁ ମୁକୁଳିବାକୁ ସବୁଠାରୁ ଅଧିକ ସମୟ ନିଅନ୍ତି। ସହାୟତା ପ୍ରକୃତରେ କାହା ପାଖରେ ପହଂଚୁଛି, ତାହା ସଠିକ୍ ତଥ୍ୟ ଆଧାରରେ ମାପିବା ଆବଶ୍ୟକ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଡ. ଗର୍ଗ କହିଥିଲେ, "ଏହା ଯୁବକ ହେବାର ଏକ ସୁବର୍ଣ୍ଣ ସମୟ; ଭାରତରେ ଯୁବକ ହେବା ଆହୁରି ଭଲ। ସାମାଜିକ ପ୍ରଭାବ ସୃଷ୍ଟି କରୁଥିବା ସୁଯୋଗ ବାଛନ୍ତୁ ଏବଂ ପରିବର୍ତ୍ତନ ସହ ନିଜକୁ ଖାପଖୁଆନ୍ତୁ। ନିରନ୍ତର ଶିଖିବାକୁ ଯେଉଁମାନେ ପ୍ରସ୍ତୁତ, ସେମାନେ ଆଗାମୀ ଦଶନ୍ଧିକୁ ନୂଆ ରୂପ ଦେବେ।" ଛାତ୍ରଛାତ୍ରୀ ଓ ଷ୍ଟାର୍ଟ-ଅପ୍ ସମ୍ମାନିତ ପ୍ରତିଷ୍ଠା ଦିବସରେ ବିଏସ୍ (୨୦୨୫–୨୯) ବ୍ୟାଚ୍‌ର ୧୦ ଜଣ ଓ ଏମ୍‌ବିଏ (୨୦୨୫–୨୭) ବ୍ୟାଚ୍‌ର ୧୬ ଜଣ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ଫଳକ ଓ ପୁରସ୍କାର ରାଶି ଦିଆଯାଇଥିଲା। ଆଇଆଇଏମ୍ ସମ୍ବଲପୁର ଆଇ-ହବ୍ ଫାଉଣ୍ଡେସନ୍ ଅଧୀନରେ ଇନକ୍ୟୁବେଟ୍ ହୋଇଥିବା ନଅଟି ଷ୍ଟାର୍ଟ-ଅପ୍‌କୁ ସିଡ୍ ଗ୍ରାଂଟ ପ୍ରଦାନ କରାଯାଇଥିଲା। ଏହା ସହ ଚାରିଟି ନୂତନ ଆଲୁମନାଇ-ନେତୃତ୍ୱାଧୀନ ଷ୍ଟାର୍ଟ-ଅପ୍ ସଂସ୍ଥାନ ସହ ଇନକ୍ୟୁବେସନ୍ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। 'ମର୍ମଜ୍ଞ'ର ପ୍ରଥମ ପ୍ୟାନେଲ୍ ଆଲୋଚନାରେ ବ୍ୟାଘାତ ମଧ୍ୟରେ ଖାପଖୁଆଇବା, ନୂଆ ଦକ୍ଷତା ହାସଲ କରିବା ଓ ନେତୃତ୍ୱ ନେବାକୁ ସକ୍ଷମ କାର୍ଯ୍ୟବଳ ଗଠନ ଉପରେ ଆଲୋଚନା ହୋଇଥିଲା। ଦୁଇଦିନିଆ କନକ୍ଲେଭ୍‌ରେ ଯୋଗାଣ, ଶକ୍ତି ଓ ଭିନ୍ନିଭୂମି ସଙ୍କଟ ପାଇଁ ଅପରେସନ୍ ପୁନର୍ଗଠନ, ଭାରତର ବିକାଶ ପାଇଁ ପାଣି ଯୋଗାଡ଼, କମ୍-କାର୍ବନ୍ ଶିଳ୍ପ ଅଭିବୃଦ୍ଧି ଏବଂ ବିଶ୍ୱ ବଜାରରେ ଭାରତୀୟ ପ୍ରତିଭା ଓ ଉଦ୍ୟୋଗକୁ ପ୍ରୋତ୍ସାହନ ଭଳି ବିଷୟରେ ଆଲୋଚନା ହେବ।

# ରାସ୍ତା କାମ ଆରମ୍ଭ, ୫ ତାରିଖର ରାସ୍ତାରୋକ ସ୍ଥଗିତ



ସମ୍ବଲପୁର,୫/୧୦(ନି/ପ୍ର): ସମ୍ବଲପୁର-ସୋନପୁର ୧୫ ନମ୍ବର ରାଜ୍ୟ ରାଜପଥର ଜୟଘଂଟରୁ ଧମା ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ଦୁରବସ୍ଥାରେ ରହିଥିଲା। ଶେଷରେ ଜୟଘଂଟଠାରେ ରାସ୍ତା ମରାମତି କାମ ଆରମ୍ଭ ହୋଇଛି। ରାସ୍ତା ମରାମତି ଦାବିରେ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ କାମ ଆରମ୍ଭ ହୋଇଥିବାରୁ ଅକ୍ଟୋବର ୫ରେ ହେବାକୁ ଥିବା ରାସ୍ତାରୋକ କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ରାସ୍ତାର ଦୁରବସ୍ଥା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ନମିଳିବାରୁ ସେପ୍ଟେମ୍ବର ୨୫ରେ ଧମା, ବରଗା,ସାହାସପୁର ଓ ବଡେମୁରା ଅଂଚଳର ଲୋକେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ସାତ ଦିନ ମଧ୍ୟରେ ରାସ୍ତା କାମ ଆରମ୍ଭ ନହେଲେ ଅକ୍ଟୋବର ୫ରେ ରାସ୍ତାରୋକ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଜୟଘଂଟଠାରେ କାମ ଆରମ୍ଭ ହୋଇଥିବାରୁ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ତେବେ ରାସ୍ତା କାମ ସମ୍ପୂର୍ଣ୍ଣ ନହେଲେ ପୁଣି ରାସ୍ତାରୋକ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏ ନେଇ ଏକ ବୈଠକ ବସିଥିଲା। ଏଥିରେ ଗୋବିନ୍ଦ ପଟ୍ଟନାୟକ, ରାଧାଶ୍ୟାମ ପଣ୍ଡା, ରମେଶ ପ୍ରଧାନ, ମନୋଜ ମହାପାତ୍ର, ଦେବାନନ୍ଦ ପ୍ରଧାନ, ଦେବଶିଷ ପଟ୍ଟନାୟକ, ସ୍ୱରୂପ ପଣ୍ଡା, ଲୋକନାଥ ମିଶ୍ର, ରୁପାଞ୍ଜୟ ଚୌଧୁରୀ, ଭଗବାନ ପୁରୋହିତଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ, ଏହି ରାସ୍ତାରେ ଚାଲୁଥିବା ଆଶ୍ ବୋଝେଇ ଗାଡ଼ିଗୁଡ଼ିକୁ ଦିନ ବଦଳରେ ରାତିରେ ଚଳାଚଳ କରାଇବାକୁ ଜିଲ୍ଲାପାଳଙ୍କ ପକ୍ଷରୁ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଏହି ନିୟମ ଉଲ୍ଲଂଘନ କରି ଦିନବେଳେ ଗାଡ଼ି ଚଳାଚଳ କରୁଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ରାସ୍ତା କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ନିୟମାନୁସାରେ ଭାରୀ ଯାନବାହନ ଚଳାଚଳ ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଏବିଭିପିର ନୂତନ ଶାଖା ଘୋଷଣା

## ନିଖିଲ ଅଗ୍ରୱାଲ ଶାଖା ସଭାପତି, ହେମନ୍ତ ବିଶ୍ୱାଳ ସମ୍ପାଦକ



ସମ୍ବଲପୁର,୫/୧୦(ନି/ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନୂତନ କ୍ୟାମ୍ପସ ଶାଖା ଘୋଷଣା କରାଯାଇଛି। ନୂତନ ଶାଖାର ସଭାପତି ଭାବେ ନିଖିଲ ଅଗ୍ରୱାଲ ଓ ସମ୍ପାଦକ ଭାବେ ହେମନ୍ତ ବିଶ୍ୱାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଯୋଗଦେଇ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ଭାବେ କରନ ଓ ଅଲିଭା, ସହସମ୍ପାଦକ ଭାବେ ବୀଣାପାଣି ଓ ଶୈଳେଶ ଦାୟିତ୍ୱ ନେଇଛନ୍ତି। ଖେଲୋ ଭାରତ ସଂଯୋଜକ ଭାବେ କାର୍ତ୍ତିକ ଓ ସହସଂଯୋଜକ ଭାବେ ଅକ୍ଷିତ୍, ଏସ୍‌ଏଫ୍‌ଡି ସଂଯୋଜକ ଭାବେ ସୂର୍ଯ୍ୟ ଓ ସହସଂଯୋଜକ ଭାବେ ସାହିଲ ବାରିକ, ଏସ୍‌ଏଫ୍‌ଏସ୍ ସଂଯୋଜକ ଭାବେ ଅଭିନାଶ ଓ ସହସଂଯୋଜକ ଭାବେ ଖିରସିନ୍ଧୁ ଦାୟିତ୍ୱ ପାଇଛନ୍ତି। ସେହିପରି ଛାତ୍ରୀ ପ୍ରମୁଖ ଭାବେ ପ୍ରିୟାଂଶୀ ଏବଂ ସହଛାତ୍ରୀ ପ୍ରମୁଖ ଭାବେ ପ୍ରତିମା ଓ ଅନନ୍ୟାଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ୨୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ଶାଖାର ବିଭିନ୍ନ ଦାୟିତ୍ୱ ବଂଟନ କରାଯାଇଛି।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଷୋହଳ ପୂଜା ଆରମ୍ଭ



ସମ୍ବଲପୁର,୫/୧୦(ନି/ପ୍ର): ଦାନୀପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଅବସରରେ ଆଜି ଶନିବାରଠାରୁ ଷୋହଳ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଆଶ୍ୱିନ ଶୁକ୍ଳପକ୍ଷ ମହାଷ୍ଟମୀ, ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନ ସକାଳେ ଦେବଦେବୀଙ୍କ ସ୍ନାନ ପରେ ପୂଜାବିଧି ଆରମ୍ଭ ହୋଇଥିଲା। ରଣେଶ୍ୱର ରାମଚଣ୍ଡୀଙ୍କ ପୂଜା ପରେ ଶ୍ରୀଗଣେଶଙ୍କ ପୂଜା କରାଯାଇଥିଲା। ଷୋହଳ ଦିନ ଧରି ପ୍ରତିଦିନ ଦେବଦେବୀଙ୍କର ବିଶେଷ ପୂଜା ହେବ। ଅକ୍ଟୋବର ୧୮ ମହାଷ୍ଟମୀରେ ମା' ରାମଚଣ୍ଡୀଙ୍କ ବିଶେଷ ପୂଜା ସହ ଷୋହଳ ପୂଜାର ସମାପନ ହେବ। ଏହି ଦିନ ରାମଚଣ୍ଡୀ ସେବା ସଦନର ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯିବ। ଅକ୍ଟୋବର ୧୧ ରବିବାର ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବଦିନାତ୍ମକ ପୂଜା ଅବସରରେ ଭକ୍ତଙ୍କ ପାଇଁ ମାନସିକ ଦୀପ ବସାଇବାର ବ୍ୟବସ୍ଥା ରହିଛି। ଭକ୍ତମାନେ ନିଜ ସୁବିଧା ଅନୁସାରେ ୯ ଦିନ, ୩ ଦିନ କିମ୍ବା ୧ ଦିନ ପାଇଁ ପରିବାରର ମଙ୍ଗଳ କାମନା କରି ଅଖଣ୍ଡ ଦୀପ ବସାଇପାରିବେ। ଅକ୍ଟୋବର ୨୫ ରବିବାର ଚତୁର୍ଦ୍ଦଶୀ ଦିନ ମା' ରାମଚଣ୍ଡୀଙ୍କ ବିଶେଷ ପୂଜା, ନୂତନ ଧ୍ୱଜା ସ୍ଥାପନ ସହ 'ରାମଚଣ୍ଡୀ ଦିବସ' ପାଳନ କରାଯିବ। ମନ୍ଦିର ପୂଜକ ବାସୁଦେବ ଭୋଇ, ସୁଦାମ ପ୍ରଧାନ ଓ ଦେବୀପ୍ରସାଦ ଭୋଇଙ୍କ ତତ୍ତ୍ୱାବଧାନରେ ଷୋହଳ ପୂଜା ସହ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ମୂଳାଷ୍ଟମୀ ଦିନ ଦୁତିବାହନ ଓଷା 'ପୁଅ ଜିଉଁନ୍ତା' ମଧ୍ୟ ପାଳିତ ହୋଇଥିଲା। ସନ୍ତାନସନ୍ତତିଙ୍କ ମଙ୍ଗଳ କାମନା କରି ଅଂଚଳର ମହିଳାମାନେ ମନ୍ଦିର ପରିସରରେ ଏହି ବ୍ରତ ପାଳନ କରିଥିଲେ। ଭକ୍ତମାନେ ମା' ରାମଚଣ୍ଡୀଙ୍କ ଦର୍ଶନ କରି ପରିବାର ଓ ବନ୍ଧୁବାନ୍ଧବଙ୍କ ମଙ୍ଗଳ ପାଇଁ ଆଶୀର୍ବାଦ ଲାଭ କରିଥିଲେ।

# ସିରିଡ଼ ଗାଁରେ 'ରାଜୁ' ହାତୀ, ଦେଖିବାକୁ ଲୋକଙ୍କ ଭିଡ଼



ସମ୍ବଲପୁର,୫/୧୦(ନି/ପ୍ର): ଜମନକିରା ରେଞ୍ଜ ଅଧୀନ ସିରିଡ଼ ବିଟ୍‌ର ସିରିଡ଼ ଗାଁରେ ଶୁକ୍ରବାର ରାତିରୁ 'ରାଜୁ' ହାତୀର ଉପସ୍ଥିତି ରହିଛି। ହାତୀଟି ଗାଁ ନିକଟରେ ରହିଥିବାରୁ ଶନିବାର ତାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା। ସୂଚନା ପାଇ ବନ ବିଭାଗ ହାତୀର ଗତିବିଧି ଉପରେ ନିରନ୍ତର ନଜର ରଖିଛି। ପ୍ରାୟ ୨୦ରୁ ୨୫ ଜଣ ବନ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ରହି ହାତୀର ଗତିପଥ ନିରୀକ୍ଷଣ କରୁଛନ୍ତି। ଏପର୍ଯ୍ୟନ୍ତ 'ରାଜୁ' କାହାରି କୌଣସି କ୍ଷତି କରିନଥିବା ଜଣାପଡ଼ିଛି। ହାତୀଟି ଗାଁ ମଧ୍ୟରେ ରହିଥିବାରୁ ବିଦ୍ୟୁତ୍ ବିଭାଗ ମଧ୍ୟ ସତର୍କତା ଅବଲମ୍ବନ କରିଛି। ଜମନକିରା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଗାଁରେ ପହଚିସ ବିଦ୍ୟୁତ୍ ସଂଯୋଗ କାଟିଛନ୍ତି। ସେମାନେ ହାତୀର ଗତିବିଧି ଉପରେ ନଜର ରଖିବା ସହ ସୁରକ୍ଷା ବ୍ୟବସ୍ଥାରେ ସହଯୋଗ କରୁଛନ୍ତି।




# ଅଷ୍ଟ ଦିବସୀୟ ଭଗବାନ ଅଗ୍ରସେନ ଜୟନ୍ତୀ ସମାରୋହ - ୨୦୨୬ର ଶୁଭାରମ୍ଭ



ରାଉରକେଲା,୫/୧୦(ନି/ପ୍ର): ରାଉରକେଲାର ମହାରାଜା ଅଗ୍ରସେନ୍ ସେବା ସଂଘ ପକ୍ଷରୁ ଭଗବାନ ଅଗ୍ରସେନଙ୍କ ୫୧୮୦ତମ ଜୟନ୍ତୀ ସମାରୋହ - ୨୦୨୬ର ଅଷ୍ଟ ଦିବସୀୟ କାର୍ଯ୍ୟକ୍ରମ ମହାରାଜା ଅଗ୍ରସେନ ଭବନରେ ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ମହାରାଜା ଅଗ୍ରସେନଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍ଘାଟନ କରାଯାଇଥିଲା । ଏହି ଅବସରରେ ମହାରାଜା ଅଗ୍ରସେନ ସେବା ସଂଘର ଅଧ୍ୟକ୍ଷ ପୁରଣମଲ ଅଗ୍ରୱାଲ, କାର୍ଯ୍ୟକ୍ରମର ସଂଯୋଜକ ଅଶୋକ ଅଗ୍ରୱାଲ (ବରସୁଆ), ଉପାଧ୍ୟକ୍ଷ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଋଷି ଆର୍ଯ୍ୟ, ସଚିବ ଶୈଳେନ୍ଦ୍ର ମାରୋଠିଆ, ଯୁଗ୍ମ ସଚିବ ଦେବେନ୍ଦ୍ର ଗୁପ୍ତା, ଯୁଗ୍ମ ସଚିବ ତଥା ସହ-ସଂଯୋଜକ ବାବୁଲ ଗୋୟଲ, ପୂର୍ବତନ ଅଧ୍ୟକ୍ଷ ହରିଓମ୍ ବଂଶଲ, ଓମପ୍ରକାଶ ବାପୁଡିଆ, ସୁରେଶ କେଜରିୱାଲ, ଟ୍ରଷ୍ଟି ଅଶୋକ ଅଗ୍ରୱାଲ ରୋମକୋ ଏବଂ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ । ସକାଳ ୧୦ଟାରୁ ପିଲା, ମହିଳା ଏବଂ ପୁରୁଷମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଯେଉଁଥିରେ ପିଲାମାନଙ୍କ ବେଶଭୂଷା ପ୍ରତିଯୋଗିତା, ଛୋଟ ପିଲାମାନଙ୍କ ପାଇଁ ରେଗନ୍ ଦୌଡ଼, ସମୂହ ରଙ୍ଗୋଲି ପ୍ରତିଯୋଗିତା, ରଙ୍ଗ ପୂରଣ, ଗଣପତି ସାଜସଜ୍ଜା, ମହାରାଜା ଅଗ୍ରସେନଙ୍କ ମହାଭୋଗ ଥାଳି ସଜାଇବା, ଦେଶୀ ବହୁ ଏବଂ ଆଧୁନିକ ବହୁ ବାତା ରି ବାତ, ଚେସ୍ ଏବଂ ଲୁଡୋ ୫୦, ଆନ୍ଦାଜ୍ ବେମିସାଲ୍ ଗୋଲମାଲ ହେ ଭାଇ ସବ ଗୋଲମାଲ ହେ, ସୃଜନଶୀଳ କାହାଣୀ ଲେଖା ପ୍ରତିଯୋଗିତା ସହଯୋଗୀ ସଂଗଠନ ଅଲ୍ ଇଣ୍ଡିଆ ଅଗ୍ରୱାଲ ମହିଳା ସମ୍ମିଳନୀ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ପିଲା ଏବଂ ମହିଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମହାରାଜା ଅଗ୍ରସେନ ଭବନ ପରିସରରେ ସମାଜର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଅକ୍ଟୋବର ୫ ଓ ୬ ତାରିଖ ଅପରାହ୍ନ ୩ଟାରୁ ମହାରାଜା ଅଗ୍ରସେନ ଭବନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ୭ ଅକ୍ଟୋବରରେ ସନ୍ଧ୍ୟା ୭ଟାରୁ ଭଜନ ଜୌମିଂ କାର୍ଯ୍ୟକ୍ରମ ଏବଂ ୮ ଅକ୍ଟୋବରରେ ସୋଗବୋଲା ହାଉସ୍ କାର୍ଯ୍ୟକ୍ରମ ଏବଂ ୧୦ ଅକ୍ଟୋବରରେ ଅମର ଭବନରୁ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯିବ । ଯେଉଁଥିରେ ଦି ଗ୍ରେଟ୍ ଖଲି ଆକର୍ଷଣର କେନ୍ଦ୍ର ହେବେ । ୧୧ ଅକ୍ଟୋବରରେ ଭଗବାନ ଅଗ୍ରସେନ ଜନ୍ମବାର୍ଷିକୀ ପାଳନ ପାଇ ଅଗ୍ରସେନ ଭବନରେ ଏକ ବିଶାଳ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ସରକାରଙ୍କ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ବିଧାୟକ ଅମର ସିଂହ ଅଗ୍ରୱାଲ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି ।

# ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ସୁନ୍ଦରଗଡ଼ ଶାଖାରେ ଲାଗିଲା ନିଆଁ




ସୁନ୍ଦରଗଡ଼,୫/୧୦(ନି/ପ୍ର): ସୁନ୍ଦରଗଡ଼ରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖାରେ ଲାଗିଲା ନିଆଁ । ଆଜି ସକାଳ ୮ଟାରେ ହଠାତ ସୁନ୍ଦରଗଡ଼ ମୁଖ୍ୟ ଡାକଘର ସମ୍ମୁଖ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଲାଗିଲା ନିଆଁ । ନିଆଁରେ ବ୍ୟାଙ୍କ କାଗଜପତ୍ର ସହ ଅନ୍ୟ ଆସବାବପତ୍ର ଜଳି ଯାଇଥିବା ସୂଚନା । ଖବର ପାଇ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରୁଛନ୍ତି । ସର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ବ୍ୟାଙ୍କ ଭିତରେ ନିଆଁ ଓ ଧୂଆଁ ଭରିଯାଇଥିବାରୁ କେତେ କଣ ଜଳିଛି ସ୍ପଷ୍ଟ ଚିତ୍ର ମିଳିନାହିଁ । ଜନଗହଳିପୂର୍ଣ୍ଣ ଅଚଂଳରେ ଥିବା ବ୍ଯାଙ୍କରେ ନିଆଁ କିଛି ସମୟ ପାଇଁ ଲୋକଙ୍କ ଆତଙ୍କିତ କରିଥିଲା ।

# କେନ୍ଦ୍ରୀୟ ପୂଜା କମିଟିର ନିର୍ବାଚନ ସଂପନ୍ନ: ବିରେନ୍ଦ୍ର ନାରାୟଣ ସ୍ୱାଇଁ ହେଲେ ସାଧାରଣ ସଂପାଦକ



ରାଉରକେଲା,୫/୧୦(ନି/ପ୍ର): ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀ ପୂଜାର ସୁପରିଚାଳନା ନିମନ୍ତେ ଗଠିତ କେନ୍ଦ୍ରୀୟ ପୂଜା କମିଟି,(ସିପିସି) ରାଉରକେଲାର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚନ ରବିବାର ଦିନ ପିଏଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ୨୦୨୬ -୨୭ ବର୍ଷ ପାଇଁ ସାଧାରଣ ସମ୍ପାଦକ ବିରେନ୍ଦ୍ର ନାରାୟଣ ସ୍ୱାଇଁ ଭାବରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ସ୍ୱାଇଁ ୧୯୦ ଖଣ୍ଡ ଭୋଟ ପାଇ ବିଜୟ ହୋଇଛନ୍ତି କ୍ଷ ତାଙ୍କର ପ୍ରତିଦ୍ୱନ୍ଦୀ ବିରାଜ ମୋହନ ବିଶ୍ୱାଳ ୮୩ ଖଣ୍ଡ ଭୋଟ ପାଇଥିବା ବେଳେ ୧୨ଟି ଭୋଟ ନାକଚ ହୋଇଛି କ୍ଷ ସେହିପରି ବିଶ୍ୱନାଥ ଦେ (ସିପିସି) କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି । ରବିବାର ସକାଳ ୯ ଘଟିକାରୁ ୩ ଘଟିକା ପର୍ଯ୍ୟନ୍ତ ଆଇଟିଡିଏ ସମ୍ମିଳନୀ କକ୍ଷରେ ମତଦାନ ହୋଇଥିଲା । ସେଥିରେ ବିଭିନ୍ନ ପୂଜା କମିଟିର ମୋଟ ୨୯୮ଜଣ ସଦସ୍ୟ ଭୋଟ ଦେଇଥିଲେ । ଏହାପରେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡେପୁଟୀ କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା, (ସିପିସି) ରିଟର୍ଣ୍ଣିଂ ଅଧିକାରୀ ତଥା ରାଉରକେଲା ତହସିଲଦାର ସାଲମି ମାଝୀଙ୍କ ଉପସ୍ଥିତିରେ ଅପରାହ୍ନ ୪ଟା ସମୟରେ ଭୋଟ ଗଣତି କରାଯାଇଥିଲା । କେନ୍ଦ୍ରୀୟ ପୂଜା କମିଟି ରାଉରକେଲାକୁ ୩ଟି ଜୋନ୍ ଯଥା, ସିଭିଲ ଟାଉନଶିପ୍ ଜୋନ , ଷ୍ଟିଲ ଟାଉନଶିପ୍ ଜୋନ୍ ଏବଂ ଫର୍ଟିଲାଇଜର ଟାଉନଶିପ୍ ଜୋନରେ ଭାଗ କରାଯାଇଛି । ଏହି ତିନିଟି ଜୋନ ପାଇଁ ମଧ୍ୟ ଉପ-ସଭାପତି, ଯୁଗ୍ମ-ସମ୍ପାଦକ ଏବଂ କାର୍ଯ୍ୟକାରୀ ସଦସ୍ୟ ୨ ଜଣ ନିର୍ବାଚତ ହୋଇଛନ୍ତି । ଷ୍ଟିଲ ଟାଉନଶିପ ଜୋନ୍ ପାଇଁ ଶ୍ରୀକାନ୍ତ କୁମାର ରାୟ ଉପ-ସଭାପତି, ପଙ୍କଜ କୁମାର ସାମଲ ଯୁଗ୍ମ-ସଂପାଦକଙ୍କ ସମେତ ନିହାର ରଞ୍ଜନ ସାମନ୍ତରାୟ ଏବଂ ରାହୁଲ ରାୟ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ସିଭିଲ ଟାଉନଶିପ୍ ଜୋନ ପାଇଁ ଧର୍ମେନ୍ଦ୍ର କୁମାର ଦୁବେ ଉପ-ସଭାପତି, ପ୍ରକାଶ ଧଳ ଯୁଗ୍ମ-ସଂପାଦକ, ପ୍ରତୀକ୍ଷିତ ସାଗର ଓ ପୁରୁଷୋତମ ପାତ୍ର କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ଏହା ବ୍ୟତୀତ ଫର୍ଟିଲାଇଜର ଟାଉନଶିପ୍ ଜୋନର ଅପ୍ରତିଦ୍ୱନ୍ଦୀ ଭାବରେ ଦିଲ୍ଲୀପ କୁମାର ଜେନା ଉପ-ସଭାପତି ହୋଇଥିବା ବେଳେ ପ୍ରଦୀପ ଦାଶ ଯୁଗ୍ମ-ସମ୍ପାଦକ ଏବଂ ପଙ୍କଜ କୁମାର ପାଢ଼ୀ ଓ କାଳୀ ଚରଣ ବିଶ୍ୱାଳ କାର୍ଯ୍ୟକାରୀ ସଦସ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି ।

# ସ୍ୱଚ୍ଛତା ହିଁ ସେବା ଅଭିଯାନ ଅଧୀନରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ସଫାଇ ମିତ୍ରମାନେ ସମ୍ବର୍ଦ୍ଧିତ

ରାଉରକେଲା ୫/୧୦(ନି/ପ୍ର): ସେପ୍ଟେମ୍ବର ୩୦ ତାରିଖ ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେଲ୍, ରାଉରକେଲା ଇସ୍ପାତ କାରଖାନା ର ସିଭିଲ୍ ଇଞ୍ଜିନିୟରିଂ ସର୍ଭିସେସ୍ ବିଭାଗରେ କାର୍ଯ୍ୟରତ ଦଶ ଜଣ ଠିକା ଶ୍ରମିକ ସଫାଇ ମିତ୍ରଙ୍କୁ ଇନ୍‌ଷ୍ଟାଟଂ ରିକୋଗ୍ନିସନ୍ ସ୍କିମ୍ ଅଧୀନରେ ସମ୍ବର୍ଦ୍ଧିତ କରାଯାଇଛି । କାରଖାନା ମଧ୍ୟରେ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାରେ ସେମାନଙ୍କର ନିଷ୍ଠାପର ଅବଦାନର ସ୍ୱୀକୃତି ସ୍ୱରୂପ ଏହି ସଫାଇ ମିତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ (ସିଇଏସ୍ ଏବଂ ଡିଜାଇନ୍) ଶ୍ରୀ ଦିଲ୍ଲୀପ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସମ୍ମାନ ସୂଚକ ଉପହାର ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଏବଂ ଏଚ୍.ଆ-ସିଏଲ୍‌ସିର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟସ୍ଥଳୀ ଏବଂ ଆଖପାଖ ଅଚଂଳକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ପ୍ରଚେଷ୍ଟାକୁ ସ୍ୱୀକୃତି ଦେବା ଏବଂ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ଅଭିଯାନର ଅଂଶ ସ୍ୱରୂପ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସଫାଇ ମିତ୍ରମାନଙ୍କର ସାଧୁତାପୂର୍ଣ୍ଣ ପ୍ରଚେଷ୍ଟା, ନିଷ୍ଠା ଏବଂ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟରେ ନିୟମିତ ଭାଗିଦାରୀ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ପଦକ୍ଷେପ ଆରଏସପି ପରିସରରେ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ସଫାଇ କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ଆଲୋକପାତ କରିଥିଲା । ସହାୟକ ମହାପ୍ରବନ୍ଧକ (ସିଇଏସ୍) ଶ୍ରୀ ପ୍ରଭାତ କୁମାର ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।




# ଅଗ୍ନିବୀର ଓ ୟୁନିଫର୍ମଡ୍ ସର୍ଭିସ୍ ନିଯୁକ୍ତି ପାଇଁ ପ୍ରି-ରିକ୍ରୁଟମେଂଟ ପ୍ରଶିକ୍ଷଣର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ



ସୁନ୍ଦରଗଡ଼,୫/୧୦(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାର ଯୁବପିଢ଼ିଙ୍କୁ ଅଗ୍ନିବୀର, ରାଜ୍ୟ ୟୁନିଫର୍ମଡ୍ ସର୍ଭିସ୍ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀରେ ନିଯୁକ୍ତି ପାଇଁ ଆହୁରି ଦକ୍ଷ ଓ ପ୍ରସ୍ତୁତ କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ ମାସିଆ ମାଗଣା ଆବାସିକ ଚକ୍ସର-ଜର-ମକ୍ସଙ୍କସଗ୍ସଙ୍କରଭଗ୍ସ ଞ୍ଚକ୍ସବସଭ-ସଭଣ (ଚଜଞ୍ଚ) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ପ୍ରଶିକ୍ଷଣରେ ଯୋଗଦେବା ପାଇଁ ରବିବାର ଦିନ ବଣେଇଁ, ପାନପୋଷ ଓ ସୁନ୍ଦରଗଡ଼ ଉପଖଣ୍ଡରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ଅଚଂଳର ୭୦୦ରୁ ଅଧିକ ଯୁବକ-ଯୁବତୀ ଏହି ପ୍ରବେଶିକା ପରୀକ୍ଷାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଚୟନିତ ଯୁବକଯୁବତୀମାନଙ୍କୁ ୬ ମାସ ଧରି ଆବାସିକ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ସମୟରେ ନିଯୁକ୍ତି ପରୀକ୍ଷା ପାଇଁ ଆବଶ୍ୟକ ଶିକ୍ଷାଗତ ପ୍ରସ୍ତୁତି ସହିତ ଶାରୀରିକ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ପ୍ରଶିକ୍ଷଣ କାଳରେ ପ୍ରଶିକ୍ଷାର୍ଥୀମାନଙ୍କ ରହିବା, ଖାଇବା, ପାଠ୍ୟ ଓ ପ୍ରଶିକ୍ଷଣ ସାମଗ୍ରୀ ସମେତ ସମସ୍ତ ଆବଶ୍ୟକୀୟ ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ । ଏହି ପ୍ରଶିକ୍ଷଣ ସମ୍ପର୍କିତ ସମସ୍ତ ଖର୍ଚ୍ଚ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ବହନ କରାଯିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ମାଧ୍ୟମରେ ଜିଲ୍ଲାର ଯୁବପିଢ଼ିଙ୍କୁ ପ୍ରତିରକ୍ଷା, ପୋଲିସ ଓ ଅନ୍ୟାନ୍ୟ ୟୁନିଫର୍ମଡ୍ ସର୍ଭିସ୍‌ରେ ନିଯୁକ୍ତି ପାଇଁ ସୁଯୋଗ ଓ ଉପଯୁକ୍ତ ପ୍ରସ୍ତୁତି ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭର ଓ ଦକ୍ଷ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ।

# ବରିଷ୍ଠ ପୂଜକଙ୍କ ଦେହାନ୍ତ : ସ୍ଥାନୀୟ ଅଚଂଳରେ ଶୋକ

ଧର୍ମଶାଳା,୫/୧୦(ନି/ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ମଙ୍ଗରାଜପୁର ଗ୍ରାମର ବରିଷ୍ଠ ପୂଜକ ଦୀନବନ୍ଧୁ ପଣ୍ଡାଙ୍କର ପରଲୋକ ଘଟିଛି । ପରଲୋକ ବେଳକୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା । ସେ ସବୁ ଦିନ ପରି ସକାଳୁ ଘର ନିଟକସ୍ଥ ନଦୀ ବନ୍ଧରୁ ଫୁଲ ତୋଳିବାକୁ ଯାଇଥିଲେ । ଫୁଲ ତୋଳି ଫେରିବା ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତୁରନ୍ତ ଘର ଫେରି ଆସିଥିଲେ । ଘରେ ପଂହଚିବାର କିଛି ସମୟ ପରେ ସେ ଟଳି ପଡିଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମେଡିକାଲ ପକ୍ଷରୁ ଏହି ମୃତ ଖବର ବ୍ରହ୍ମବରଦା ଥାନାକୁ ଦିଆ ଯାଇଥିଲା । ପୁଲିସ ମେଡିକାଲରେ ପଂହଚି ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାରକବର୍ଗଙ୍କୁ ହସ୍ତାନ୍ତରିତ କରି ଥିଲା । ତାଙ୍କ ମରଶରୀର ମଙ୍ଗରାଜପୁରସ୍ଥ ବାସଭବନଠାରେ ପଂହଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ବରିଷ୍ଠ ମୁରୁବୀ ,ସାମାଜିକ କର୍ମୀ,ସ୍ଥାନୀୟ ନେତା,ଯୁବ ସଂଗଠକମାନେ ବାସଭବନରେ ପଂହଚି ଶେଷ ଦର୍ଶନ କରିଥିଲେ । ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା । ତାଙ୍କ ପୁଅ ହରିଆଶିଷ୍ ମୁଖାଗ୍ନୀ ଦେଇଥିଲେ । ସ୍ୱର୍ଗତ ପଣ୍ଡା ଦୀର୍ଘ ଦିନ ଧରି କୋଲକାତାରେ ରହି ବିଭିନ୍ନ ଦେବାଳୟମାନଙ୍କରେ ପୂଜା କରି ଆସୁ ଥିଲେ ।

# ପୁଷ୍ଟୁଗୁଡ଼ାରେ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମାଲକାନଗିରି,୫/୧୦(ନି/ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ପୁଷ୍ଟୁଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟିଙ୍କୁ ଆଦିତ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ, ଶ୍ରୀମତୀ ଆଦିତ୍ୟ ୦୧-୦୨-୧୯୮୮ ମସିହାରେ ପ୍ରଥମ ଥର ପାଇଁ ଶିକ୍ଷୟିତ୍ରୀ ଭାବେ ଚାକିରିରେ ଯୋଗ ଦେଇଥିଲେ ।ସେ ମାଲକାନଗିରି ଜିଲ୍ଲାରେ ଦୀର୍ଘ ୩୮ ବର୍ଷ ୩ ମାସ ଧରି ନିଷ୍ଠା, ଆନ୍ତରିକତା ଓ ସମର୍ପଣ ଭାବ ସହ ଶିକ୍ଷାଦାନ କରିଛନ୍ତି । ତାଙ୍କ ଶିକ୍ଷାଦାନ କାଳରେ ବହୁ ଛାତ୍ରଛାତ୍ରୀ ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ କୃତକାର୍ଯ୍ୟ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ୨୦୨୨ ମସିହାରୁ ସେ ପୁଷ୍ଟୁଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ସେ ଜଣେ ନିଷ୍ଠାପର, ମେଳାପୀ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସମସ୍ତଙ୍କ ପ୍ରିୟ ଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ଦ୍ୱାରା ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ଉପଢୌକନ ଦେଇ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ପ୍ରଶାସନ ଶୁଣିଲାନି, ନିଜ ପାଣ୍ଠିରେ ଖେଳପଡ଼ିଆ ସମତଳ କଲେ ଏମଭି-୩୮ ଗ୍ରାମବାସୀ

ମାଲକାନଗିରି,୫/୧୦(ନି/ପ୍ର): ଗାଁରେ ଖେଳପଡ଼ିଆ ନଥିବାରୁ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିଲେ କୋରୁକୋଣ୍ଡା ବ୍ଲକ ଏମଭି-୩୮ ଗ୍ରାମବାସୀ । ପ୍ରଶାସନ ନିକଟରେ ବାରମ୍ବାର ଦାବି ଜଣାଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନ ନେବାରୁ ଶେଷରେ ଗ୍ରାମବାସୀ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ଖେଳପଡ଼ିଆ ନିର୍ମାଣ ପାଇଁ ଅଟାଂ ଭିଡ଼ିଛନ୍ତି । ଗ୍ରାମମଙ୍ଗଳ କମିଟି ସଭାପତି ପଙ୍କଜ ମଣ୍ଡଳଙ୍କ କହିବା ଅନୁସାରେ, ଗାଁ ଶେଷରେ ଥିବା ସରକାରୀ ଜମିକୁ ଗ୍ରାମବାସୀଙ୍କ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ସମତଳ କରାଯାଉଛି । ଏଥିରେ ବର୍ତ୍ତମାନ କୌଣସି ସରକାରୀ ପାଣ୍ଠି ବିନିଯୋଗ ହୋଇନାହିଁ । ସରକାରୀ ସହାୟତା ମିଳିଲେ ଏଠାରେ ଆହୁରି ଉନ୍ନତମାନର ଖେଳପଡ଼ିଆ ନିର୍ମାଣ କରାଯାଇପାରିବ ବୋଲି ସେ କହିଛନ୍ତି । ଖେଳପଡ଼ିଆ ନିର୍ମାଣ ପାଇଁ ଜମି ଯୋଗାଇବାରେ ମଧ୍ୟ କେତେକ ଗ୍ରାମବାସୀ ସହଯୋଗର ହାତ ବଢ଼ାଇଛନ୍ତି । ବିଷ୍ଣୁଦାସଙ୍କୁ ବାଦ୍ ଦେଲେ ଦେବବ୍ରତ ଦାସ ଓ କିଶୋର ଦାସଙ୍କ ସମେତ କେତେକ ବ୍ୟକ୍ତି ନିଜ ଦଖଲରେ ଥିବା ଜମିର କିଛି ଅଂଶ ଗାଁର ଖେଳପଡ଼ିଆ ପାଇଁ ଛାଡ଼ିଥିବା ଜଣାପଡ଼ିଛି । ଗ୍ରାମର ଜଣେ ଏସ୍‌ଏଚ୍‌ଜି ମହିଳା କହିଛନ୍ତି, ଗାଁରେ ଏକ ଖେଳପଡ଼ିଆ ହେଲେ ଯୁବକ-ଯୁବତୀଙ୍କ ଖେଳକୁଦ ସହିତ ଗ୍ରାମର ବିଭିନ୍ନ ସାମାଜିକ ଓ ସାମୂହିକ କାର୍ଯ୍ୟକ୍ରମ ମଧ୍ୟ ଏଠାରେ ଆୟୋଜନ କରାଯାଇପାରିବ । ଏ ସମ୍ପର୍କରେ ସରପଂଚଙ୍କ ସ୍ୱାମୀ ଗାଁରେ ପହଂଚି ଆମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ଗ୍ରାମବାସୀଙ୍କ ସାମୂହିକ ନିଷ୍ପତି କ୍ରମେ ଏହି କାମ ଆରମ୍ଭ ହୋଇଛି । ଗାଁରେ ଦୀର୍ଘଦିନ ଧରି ଖେଳପଡ଼ିଆ ନଥିବା ବେଳେ ଗ୍ରାମବାସୀ ନିଜସ୍ୱ ପାଣ୍ଠିରେ ଏଭଳି ପଦକ୍ଷେପ ନେଇଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି । ଅନ୍ୟପକ୍ଷରେ ବିଷ୍ଣୁ ଦାସଙ୍କ କହିବାନୁସାରେ, ତହସିଲଦାରଙ୍କ ପରାମର୍ଶ କ୍ରମେ ଖେଳପଡ଼ିଆ ପାର୍ଶ୍ୱରେ ତାଙ୍କ ଦଖଲରେ ଥିବା କିଛି ଜମି ସେ ଗାଁର ଖେଳପଡ଼ିଆ ପାଇଁ ଛାଡ଼ି ଦେଇଛନ୍ତି । ଏପରିକି ରାସ୍ତାର ଅପରପାର୍ଶ୍ୱରେ ୨୫ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଜମିକୁ ମଧ୍ୟ ଗ୍ରାମମଙ୍ଗଳ ପାଇଁ ଛାଡ଼ିବାକୁ ତହସିଲଦାର କହିଲେ, ସେ ମଧ୍ୟ ନିଜ ଦଖଲରେ ଥିବା ଜମି ଛାଡ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି । ଖେଳପଡ଼ିଆ ନିର୍ମାଣ ନେଇ ଗ୍ରାମବାସୀ ସରପଂଚ, ବିଡିଓ, ବିଧାୟକ ଓ ସାଂସଦ ପ୍ରତିନିଧିଙ୍କୁ ଭେଟି ଗାଁର ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ଜଣାପଡ଼ିଛି । ତେବେ ବର୍ତ୍ତମାନ ମିଳୁଥିବା ସୂଚନା ଅନୁସାରେ, ଖେଳପଡ଼ିଆର ଉନ୍ନତି ପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ବିଭିଜିରାମଜୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଆହୁରି ବଡ଼ ଓ ସୁନ୍ଦର ଖେଳପଡ଼ିଆ ନିର୍ମାଣ କରିବା ନେଇ ସରକାରୀ ସ୍ତରରେ ଯୋଜନା ରହିଥିବା କୁହାଯାଉଛି । ନିଜ ଉଦ୍ୟମରେ ଗାଁର ଖେଳପଡ଼ିଆ ପାଇଁ ଅଂଟା ଭିଡ଼ିଥିବା ଏମଭି-୩୮ ଗ୍ରାମବାସୀଙ୍କ ଏହି ପଦକ୍ଷେପ ଅନ୍ୟ ଗ୍ରାମ ପାଇଁ ମଧ୍ୟ ଉଦାହରଣ ପାଲଟିଛି ।

# ଆରଏସପିରେ ଆପଦ ପରିଚାଳନା ଏବଂ ଶୂନ୍ୟ-କ୍ଷତି ସଂସ୍କୃତି ଉପରେ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଆଲୋଚନା



ରାଉରକେଲା,୫/୧୦(ନି/ପ୍ର): ଅକ୍ଟୋବର ପହିଲା ରେ ରାଉରକେଲା ଇସ୍ପାତ କାରଖାନା ର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ)ଙ୍କ କନ୍ଫରେନ୍ସ ହଲ୍‌ଠାରେ ଆପଦ ପରିଚାଳନା ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଦୈନନ୍ଦିନ କାର୍ଯ୍ୟରେ ଶୂନ୍ୟ-କ୍ଷତି (ଜିରୋ-ହାର୍ମ) ସଂସ୍କୃତିକୁ ସାମିଲ କରିବା ନେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ସେଲ୍ ର ସୁରକ୍ଷା ପରାମର୍ଶଦାତା ଶ୍ରୀ ଜି. ପି. ସିଂହଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ କାରଖାନା ବରିଷ୍ଠ ଅଧିକାରୀ, ସମସ୍ତ ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟ ଯୋଗ ଦେଇଥିଲେ । ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ଏବଂ ସଂସ୍ଥାର ଶୂନ୍ୟ-କ୍ଷତି ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ସେଲ୍, ଆର.ଏସ.ପି ର ନିରନ୍ତର ସଂସ୍କୃତି-ନିର୍ମାଣ ଉଦ୍ୟମର ଏକ ଅଂଶ ସ୍ୱରୂପ ଏହି ଅଧିବେଶନ ଆୟୋଜିତ ହୋଇଥିଲା । ଉପସ୍ଥିତ ସଭାକୁ ସମ୍ବୋଧିତ କରି ଶ୍ରୀ ଜି. ପି. ସିଂହ ବିପଦର ମୌଳିକ ନୀତି ଏବଂ ପ୍ଲାଂଟ ପରିଚାଳନା ସହିତ ଜଡ଼ିତ ବିପଦଗୁଡ଼ିକର କ୍ରମବଦ୍ଧ ଚିହ୍ନଟ, ଆକଳନ ଓ ହ୍ରାସ କରିବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ସେ ଦର୍ଶାଇଥିଲେ ଯେ ଅସୁରକ୍ଷିତ କାର୍ଯ୍ୟପନ୍ଥାର ନିରାକରଣ ପାଇଁ ନିରନ୍ତର ସଜାଗତା, ସୁରକ୍ଷା ନିୟମାବଳୀର ଶୃଙ୍ଖଳିତ ପାଳନ ଏବଂ ପ୍ରତ୍ୟେକ ସ୍ତରରେ ଏକ ଦାୟିତ୍ୱବୋଧ ଆବଶ୍ୟକ । ସାମୂହିକ ଭାଗିଦାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରି ସେ କାର୍ଯ୍ୟସ୍ଥଳର ବିପଦ ଚିହ୍ନଟ କରିବା, କର୍ମଚାରୀଙ୍କ ଭାଗିଦାରୀକୁ ଉତ୍ସାହିତ କରିବା ଏବଂ ନିୟମିତ ପରିଚାଳନାଗତ କାର୍ଯ୍ୟକଳାପରେ ସମ୍ମୁଖୀନ ହେଉଥିବା ବିପଦକୁ ହ୍ରାସ କରିବା ପାଇଁ ବ୍ୟାବହାରିକ ସମାଧାନ ବାହାର କରିବାରେ ସୁରକ୍ଷା ସର୍କଲର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ଅଧିବେଶନରେ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ତଥା ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଦାୟିତ୍ୱ ରେ ଥିବା ଶ୍ରୀ ବି. ଆର. ପାଲାଇ ଅଧ୍ୟକ୍ଷତା କରିଥିଲେ । ନିଜର ଉଦ୍‌ଯାପନୀ ବକ୍ତବ୍ୟରେ ଶ୍ରୀ ପଲାଇ ଏକ ସୁରକ୍ଷିତ ଏବଂ ଉତ୍ପାଦନକ୍ଷମ କାର୍ଯ୍ୟ ପରିବେଶ ନିଶ୍ଚିତ କରିବା ପାଇଁ ସୁଦୃଢ଼ ବିପଦ ଆକଳନ, ସଠିକ୍ ବିପଦ ଉପଲବ୍ଧି ଏବଂ ବ୍ୟାପକ ବିପଦ ବିଶ୍ଳେଷଣର ଗୁରୁତ୍ୱ ଉପରେ ବଳ ଦେଇଥିଲେ । ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୂନ୍ୟ-କ୍ଷତି ସଂସ୍କୃତିକୁ ଆପଣେଇବାକୁ ଏବଂ ଇସ୍ପାତ କାରଖାନା ପରିଚାଳନାର ପ୍ରତ୍ୟେକ କ୍ଷେତ୍ରରେ ଏହାକୁ ନିରନ୍ତର କାର୍ଯ୍ୟରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ । ସେ ଆହୁରି ମଧ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ଉଦାହରଣ ପାଲଟି ନେତୃତ୍ୱ ନେବାକୁ ଏବଂ ସୁରକ୍ଷା ଯେପରି ସଂସ୍ଥାର ଏକ ମୁଖ୍ୟ ମୂଲ୍ୟବୋଧ ହୋଇରହିବ ତାହା ନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ହିରାଲାଲ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଆଲୋଚନାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ମହାପ୍ରବନ୍ଧକ ଶ୍ରୀ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।